

ଯେଉଁ ଲୋକ ଗୁଡ଼ାଏ କାମ ହାତକୁ ନିଏ, ସେ ଭଲଭାବରେ କୌଣସିଟିକୁ କରିପାରେ ନାହିଁ।
- ଆର. ଡବ୍ଲ୍ୟୁ. ଇମରସନ



## ସଂକ୍ଷେପରେ

### ହାଇୱା, ଜେସିବି ଜବତ

**ବିରଜାକ୍ଷେତ୍ର,୨୬।୧୦(ଡି.ଏନ୍.ଏ):** ଯାଜପୁର ଟାଉନ-ଷଠିପୁର ରାସ୍ତାର ବୁଢ଼ା ନଦୀପଠା ରୁଢ଼ିଆଠାରେ ଶୁକ୍ରବାର ବେଆଇନ ଭାବେ ବାଲି ଉଠାଣ ହେଉଥିବା ବେଳେ ଯାଜପୁର ତହସିଲଦାର ସୁନୀଲ କୁମାର ମେହେର ଚଢ଼ାଉ କରିଥିଲେ। ୨ଟି ଜେସିବି ମେଶିନ୍ ଓ ଗୋଟିଏ ହାଇୱାକୁ ଜବତ କରି ଯାଜପୁର ସଦର ଥାନାରେ ଅଟକ ରଖିଛନ୍ତି। ବେଆଇନ ବାଲି ଉଠାଉଥିବା ବାଲି ମାଫିଆଙ୍କ ବିରୋଧରେ କ୍ରମାଗତଭାବେ ଏହି କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି ତହସିଲଦାର ମେହେର ସୂଚନା ଦେଇଛନ୍ତି।

### କଲେଜ ଛାତ୍ର ନିଖୋଜ, ଥାନାରେ ଅଭିଯୋଗ

**ଧର୍ମଶାଳା, ୨୬।୧୦(ଡି.ଏନ୍.ଏ.):** ଧର୍ମଶାଳା ଥାନା ଅନ୍ତର୍ଗତ ବାରବାଟି ଗ୍ରାମର ଜଣେ କଲେଜ ଛାତ୍ର ଏକମାସ ହେବ ନିଖୋଜ ଥିବା ନେଇ ଗୁରୁବାର ଥାନାରେ ଅଭିଯୋଗ ହୋଇଛି। ଛାତ୍ର ଜଣଙ୍କ କଲେଜକୁ ପାଠପଢ଼ିବାକୁ ଯାଇ ଆଉ ଫେରି ନ ଥିବା ମା ସରସ୍ୱତୀ ରଥ ଧର୍ମଶାଳା ଥାନାରେ ଅଭିଯୋଗ କରିଛନ୍ତି।ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ସେ ତାଙ୍କ ପୁଅକୁ ପାଇ ନ ଥିଲେ। ପୁଅ ଫେରି ଆସିବା ବାଟକୁ ଏକ ମାସ ଅପେକ୍ଷା କରିବା ପରେ ମଧ୍ୟ ପାଇ ନ ଥିଲେ। ଏ ନେଇ ପୋଲିସ ଏକ ମାମଲା (୪୦୬/୧୮) ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ ଗତ ମାସ ୨୫ତାରିଖରୁ ଅଜୟ ଘରକୁ ଫେରି ନାହାନ୍ତି। ଅଜୟ କଲଣସ୍ଥିତ ମଧୁପୁର କଲେଜରେ ଯୁକ୍ତ ୨ ଦ୍ୱିତୀୟ ବର୍ଷ କଳା ବିଭାଗ ଛାତ୍ର । ଘରୁ ଗଲାଦିନ ଅଜୟ ଏକ ଧଳାରଙ୍ଗର ସାର୍ଟ ଓ କଳାରଙ୍ଗର ପ୍ୟାଣ୍ଟ ପିନ୍ଧି ଥିଲେ। ତାଙ୍କ ବାମପଟ ଆଖି ଟେରା ଥିବା ପରିବାର ଲୋକେ ଅଭିଯୋଗରେ ଦର୍ଶାଇଛନ୍ତି।

### ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ, ଅଭିଯୁକ୍ତ ଗିରଫ

**ଧର୍ମଶାଳା, ୨୬।୧୦(ଡି.ଏନ୍.ଏ.):** ଧର୍ମଶାଳା ଥାନା ପାଖର ଗ୍ରାମର ଜଣେ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ଶୁକ୍ରବାର ପୋଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଉକ୍ତ ଗ୍ରାମର ବୁଲା ଦେଉରୀ (୨୮)। ଗୁରୁବାର ଅପରାହ୍ନରେ ଗ୍ରାମରେ ଲକ୍ଷ୍ମୀପୂଜା ଚାଲିଥିବା ସମୟରେ ଉକ୍ତ ନାବାଳିକାଙ୍କୁ ବୁଲା ନିକଟସ୍ଥ ଦୋକାନରୁ ବରା ଖାଇବାକୁ କହି ସାଇକେଲରେ ବସାଇ କାଜୁ ଜଙ୍ଗଲକୁ ନେଇ ବଳାତ୍କାର କରିଥିଲେ। ସେଠାରୁ ନାବାଳିକା ଜଣଙ୍କ ଘରକୁ ଆସି ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ଧର୍ମଶାଳା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ( ୪୦୮/୧୮) ରୁଜୁ କରି ଅଭିଯୁକ୍ତ ବୁଲାଙ୍କୁ ଗିରଫ କରିଥିଲା। ଶୁକ୍ରବାର ଦୁଇଜଣଙ୍କ ଡାକ୍ତରି ମାଇନା ପରେ ଅଭିଯୁକ୍ତଙ୍କୁ ପୋଲିସ କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି।

### ଚୋରା ସୁନା ବିକ୍ରି ଘଟଣା, ଜଣେ ଗିରଫ

**କୋରେଇ,୨୬।୧୦(ସ୍ୱ.ପ୍ର.):** ଚୋରା ସୁନା ବିକ୍ରି ଘଟଣାରେ କଟକ ପୋଲିସ ଶୁକ୍ରବାର ଯାଜପୁରରୋଡ ଥାନା ଅନ୍ତର୍ଗତ ବ୍ୟାସନଗର ମ୍ୟୁନିସିପାଲିଟିର ଶର୍ମାବାଡ଼ିଠାରେ ଥିବା ସୁନାରୁପା ଭାଟିର ଜଣେ କର୍ମଚାରୀଙ୍କୁ ଯାଜପୁରରୋଡ ପୋଲିସ ସହାୟତାରେ ଗିରଫ କରିଛି। ଅଭିଯୁକ୍ତ ହେଲେ ମହାଦେବ ପୁକ୍‌ଲେ। ପ୍ରକାଶ ଯେ, ଭାଟି ମାଲିକ ରାଜୁ ଶତପୁତେ ଯାଜପୁରରୋଡ ଓ ପାଣିକୋଇଲିଠାରେ ସୁନାରୁପା ଭାଟି ଦୋକାନ କରିଥିଲେ। ମହାଦେବ ୨ ବର୍ଷ ତଳେ ପାଣିକୋଇଲିସ୍ଥିତ ସୁନାରୁପା ଭାଟି ଦୋକାନରେ ଚୋରା ସୁନା ବିକ୍ରି କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ଶୁକ୍ରବାର କର୍ମଚାରୀ ଗିରଫ ହୋଇଥିବାବେଳେ ମାଲିକ ଫେରାର ଅଛନ୍ତି।

### ମରଣଯନ୍ତା ପାଲଟିଛି କେଉଁଆପାଳ-ଗଣେଶ୍ୱରପୁର ରାସ୍ତା

**ସିଂହପୁର,୨୬।୧୦(ଡି.ଏନ୍.ଏ.):** ସିଂହପୁର ନିକଟବର୍ତ୍ତୀ ସର୍ବପୁରାତନ କେଉଁଆପାଳ-ଗଣେଶ୍ୱରପୁର ରାସ୍ତା ଉପରେ ଧୋଡ଼ା ଅଞ୍ଚଳର ହଜାର ହଜାର ଲୋକ ଯାତାୟାତ କରିଥାନ୍ତି। ୨୦୦୫ରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ୬ କିମି ବ୍ୟାପୀ ଢଳେଇ ହୋଇଥିଲା। ଦୀର୍ଘଦିନ ହେବ ମରାମତି ହୋଇ ନ ଥିବାରୁ ବହୁ ସ୍ଥାନରେ ଢଳେଇ ଦବିଗଲାଣି ଓ କେତେକ ସ୍ଥାନରେ ଗର୍ତ୍ତ ସୃଷ୍ଟି ହୋଇଛି। ଲୋକେ ଗମନାଗମନରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଧିକାଂଶ ସମୟରେ ଦୁର୍ଘଟଣା ଘଟୁଛି। ତୁରନ୍ତ ମୁଖ୍ୟ ରାସ୍ତା ମରାମତି ସହ ପ୍ରଶସ୍ତୀକରଣ ପାଇଁ ପାଳିମୀ, ଏରଡ଼ଙ୍ଗ ଓ ସିଂହଗାଁ ପଞ୍ଚାୟତବାସୀ ଦାବି କରିଛନ୍ତି।

---

### ■ନେତା-ଶ୍ରମିକଙ୍କ ମଧ୍ୟରେ ବଢୁଛି ବ୍ୟବଧାନ

# ଫସର ଫାଟୁଛି ଆନ୍ଦୋଳନ

**ଯାଜପୁର ଅଫିସ,୨୬।୧୦**

**■ନିଜ ସ୍ୱାର୍ଥ ପାଇଁ ଗରିବଙ୍କୁ ଅସ୍ତ୍ର**
**■ନିଯୁକ୍ତି, ମଜୁରି ବୃଦ୍ଧି, ବୋନସ, ଉପହାର, ଛଟେଇ ବନ୍ଦ ଆଦି ଅସମାହିତ**

କଳିଙ୍ଗନଗରର ଶିଳ୍ପ ସଂସ୍ଥାଗୁଡ଼ିକରେ ଗରିବ ନୀରିହ ଶ୍ରମିକଙ୍କ ଅସହାୟତାର ସୁଯୋଗରେ କେତେଜଣ ନେତା ନିଜର ଫାଇଦା ଉଠାଉଛନ୍ତି। କିନ୍ତୁ ଶିଳ୍ପ ପ୍ରଭାବିତ ଅଞ୍ଚଳବାସୀ ତଥା କ୍ଷତିଗ୍ରସ୍ତ ପରିବାରଙ୍କ ସମସ୍ୟା ବଳି ପଡ଼ିଛି। ଅତୀତରେ ଏଭଳି ଅନେକ ନେତା କୋଟିପତି ହୋଇଥିବାବେଳେ ଏବେ ସେହି ବିସ୍ଥାପିତ ଓ ଶ୍ରମିକଙ୍କ ଆଖିରୁ ଲୁହ ଶୁଖିନାହିଁ। ବିଭିନ୍ନ ସମୟରେ ନିଜ ହକ୍ ପାଇଁ ଶ୍ରମିକଙ୍କୁ ଆନ୍ଦୋଳନମୁଖୀ ତଥା ବିଦ୍ରୋହୀ କରିଛି। ଶିଳ୍ପ ପ୍ରଭାବିତ ଅଞ୍ଚଳବାସୀଙ୍କ ବିଭିନ୍ନ ସମସ୍ୟାର ସମାଧାନ କରିବା ପ୍ରତିଶ୍ରୁତି ଦେଇ କଳିଙ୍ଗନଗର ଅଞ୍ଚଳରେ ବିଭିନ୍ନ ଶ୍ରମିକ ସଂଗଠନ ଗଢ଼ି ଉଠିଛି। ନିଯୁକ୍ତି, ମଜୁରୀ ବୃଦ୍ଧି, ବୋନସ, ଉପହାର, ଛଟେଇ ବନ୍ଦ ଆଦି ଦାବି ନେଇ ଶ୍ରମିକ ସଂଗଠନ ପକ୍ଷରୁ ବିଭିନ୍ନ ସମୟରେ ଆନ୍ଦୋଳନ ଡାକରା ଦିଆଯାଉଛି। ଶ୍ରମିକଙ୍କୁ ଦୀର୍ଘଦିନ ଧରି ଖରାତରାରେ କାରଖାନା ଗେଟ ସମ୍ମୁଖରେ ଧାରଣା ଦିଆଯାଉଛି। ହେଲେ ପରବର୍ତ୍ତୀ ସମୟରେ ସମ୍ପୃକ୍ତ କାରଖାନା କର୍ତ୍ତୃପକ୍ଷ ଓ ନେତାଙ୍କ ମଧ୍ୟରେ ବୁଝାମଣା ହୋଇଯାଉଛି। ଏଥିରେ ଆନ୍ଦୋଳନ ଫସର ଫାଟୁଥିବାବେଳେ ନେତା ଓ ଶ୍ରମିକଙ୍କ ମଧ୍ୟରେ ବ୍ୟବଧାନ ବଢୁଥିବା ଭଳି ମନେ ହେଉଛି। ଯାହାକି ଆଗାମୀ ନିର୍ବାଚନରେ ବହୁଳ ଭାବେ ପ୍ରଭାବ ପକାଇବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

ନିଯୁକ୍ତି, ବୋନସ ଓ ମଜୁରୀ ପ୍ରଦାନରେ ଟାଳଟୁଳ ନୀତି ସମେତ ଠିକାଶ୍ରମିକ ଉଚ୍ଛେଦ ଆଇନର ଉଲ୍ଲଂଘନ କାରଣରୁ ସମସ୍ତ ପ୍ରକ୍ରିୟା ବିଳମ୍ବିତ ହେଉଛି। ବିଶେଷ କରି ଟାଟା ଷ୍ଟିଲ, ଭିସା ଷ୍ଟିଲ, ନୀଳାଚଳ ଇସ୍ପାତ, ମଇଥାନ ଇସ୍ପାତ, ଇଡକଲ ଫେରୋକ୍ରୋମ, ଜିନ୍ଦଲ ଷ୍ଟେନଲେସ ଷ୍ଟିଲ ଆଦି କମ୍ପାନୀରେ ବିସ୍ଥାପିତ ସମେତ କାର୍ଯ୍ୟରତ କର୍ମଚାରୀ ଓ ଶ୍ରମିକ ବାରମ୍ବାର କମ୍ପାନୀ ଓ ପ୍ରଶାସନିକ କର୍ତ୍ତୃପକ୍ଷଙ୍କ ନିକଟକୁ ଧାଇଁ ଶେଷରେ ଦାବି ହାସଲ କରି ନ ପାରି ହାରି ଯାଉଛନ୍ତି। ଏପରିସ୍ଥଳେ ଭିଟାମାଟି ଜମି, ଘର, ବୃତ୍ତି ସବୁ କିଛି ହରାଇଥିବା ଲୋକେ ବିଦ୍ରୋହୀ ହେବା ସ୍ୱାଭାବିକ। ଫଳରେ ବିଭିନ୍ନ ଉଦ୍ୟୋଗ ବିପୁଳ କ୍ଷତିର ସମ୍ମୁଖୀନ ହେବା ସହ ପ୍ରଶାସନ ପାଇଁ ମଧ୍ୟ ମୁଣ୍ଡବ୍ୟଥାର କାରଣ ହେଉଛି। ଟାଟା ଷ୍ଟିଲ କମ୍ପାନୀରେ ସ୍ଥାନୀୟ ନିଯୁକ୍ତିକୁ ନେଇ ଅଶାନ୍ତି ବଳବତ୍ତର ରହୁଛି। ଏହାସହ ଅନ୍ୟାନ୍ୟ କାରଖାନାରେ ମଜୁରୀ ବୃଦ୍ଧି, ବେଆଇନ ଶ୍ରମିକ ଛଟେଇ ନେଇ ମାସକୁ ୨/୩ଥର ଆନ୍ଦୋଳନ ଡାକରା ଦିଆଯାଉଛି। କିଛିଦିନ ପାଇଁ ଆନ୍ଦୋଳନ ବି ହେଉଛି। ହେଲେ ଶ୍ରମିକଙ୍କୁ କିଛି ସୁଫଳ ମିଳୁନାହିଁ। ଏଭଳି ଭାବରେ କମ୍ପାନୀ ସହ ହାତ ମିଶାଇ ବିଭିନ୍ନ ସଂଗଠନର ତଥାକଥିତ ନେତାମାନେ ଶ୍ରମିକଙ୍କ ଭାଗ୍ୟ ସହ ଖେଳୁଛନ୍ତି ବୋଲି ଅଭିଯୋଗ ହେଉଛି। ଗତ ୨ମାସ ମଧ୍ୟରେ ନିଳାଚଳ ଇସ୍ପାତ ଓ ଫେରୋକ୍ରୋମ କାରଖାନାରେ ହୋଇଥିବା ଶ୍ରମିକ ଆନ୍ଦୋଳନକୁ ଏଠାରେ ଉଦାହରଣ ଭାବେ ନିଆଯାଇପାରେ। ଗତ ୧୫ତାରିଖରୁ ଫେରୋକ୍ରୋମ କାରଖାନାରେ ୯ଦିନ ଧରି ଚଳିତବର୍ଷ ପୂଜା ବୋନସ ଓ ଉପହାରକୁ ନେଇ ଯୋଗାଣ ଓ ଠିକାଶ୍ରମିକମାନେ ଅନଶନ ଚଳାଇ ଥିଲେ। ଧାରଣା ପାଇଁ ପ୍ରଥମରୁ ଉସୁକାଇ ନେତାମାନେ ଆଉ ଧରାଛୁଆଁ ଦେଇ ନ ଥିଲେ। ଯଦ୍ୱାରା ଶ୍ରମିକଙ୍କ ମଧ୍ୟରେ ଅସନ୍ତୋଷ ଉଗ୍ରରୂପ ନେଇଥିଲା। ସମ୍ପୃକ୍ତ ନେତାଙ୍କୁ ବଦଳାଇବାକୁ କେତେଜଣ ଶ୍ରମିକ ଖୋଲାଖୋଲି ପ୍ରକାଶ କରିଥିଲେ। ଶେଷରେ ଶ୍ରମିକଙ୍କୁ ମନାଇବା ପାଇଁ ସେହି ନେତା ପୁଣି ଆଗଭର ହୋଇଥିଲେ। ଏହିକ୍ରମରେ ଏକ ତ୍ରିପାକ୍ଷିକ ବୈଠକ ହୋଇଥିବାବେଳେ ଆଲୋଚନା ବିଫଳ ହୋଇଥିଲା। ଫଳରେ ଫେରୋକ୍ରୋମ କାରଖାନାର ଶ୍ରମିକଙ୍କ ଆନ୍ଦୋଳନ ବୃଥାରେ ଯାଇଥିଲା। ଶ୍ରମିକମାନେ ୯ଦିନ ପର୍ଯ୍ୟନ୍ତ ଆନ୍ଦୋଳନ ଚଳାଇଥିବାରୁ ସେମାନଙ୍କ ପରିବାର ପ୍ରତିପୋଷଣ ପ୍ରଭାବିତ ହୋଇଥିଲା। ଅନ୍ୟପକ୍ଷେ ପ୍ରାୟ ୧ମାସ କଳିଙ୍ଗନଗର ଶିଳ୍ପାଞ୍ଚଳର ପ୍ରମୁଖ ସରକାରୀ କାରଖାନା ନିଳାଚଳ ଇସ୍ପାତରେ ଠିକାଶ୍ରମିକମାନେ ଧାରଣା ଦେଇଥିଲେ। ଏଥିରେ ମଧ୍ୟ କିଛି ସୁଫଳ ମିଳି ନ ଥିଲା ବରଂ କାରଖାନାରେ କାର୍ଯ୍ୟରତ ପ୍ରାୟ ୨ହଜାର ଠିକା ଶ୍ରମିକଙ୍କ ସମସ୍ତ ପରିଶ୍ରମ ବେକାର ହୋଇଥିଲା। କାରଖାନା ସମେତ ସୁକିନ୍ଦା ଖଣି ଉପତ୍ୟକାରେ ଥିବା ବିଭିନ୍ନ ଖଣି ସଂସ୍ଥାରେ ମଧ୍ୟ ଅନୁରୂପ ପରିସ୍ଥିତି ଦେଖାଦେଉଛି। ବିଭିନ୍ନ ଦାବି ନେଇ ନିର୍ମାଣ ଶ୍ରମିକଙ୍କୁ ନେଇ ଚାଲିଥିବା ଆନ୍ଦୋଳନ ମଧ୍ୟ ଏଠାରେ ଫସର ଫାଟୁଛି। କଳିଙ୍ଗନଗରର ବିଭିନ୍ନ କମ୍ପାନୀରେ ସ୍ଥାନୀୟ ନିଯୁକ୍ତିକୁ ନେଇ ଏବେ ଜାତୀୟ ରାଜନୈତିକ ଦଳ ମୁହଁ ଖୋଲିଛି। ବେକାର ଯୁବତୀଯୁବକଙ୍କ ସ୍ୱାର୍ଥ ପୂରଣ ହେଉଛି ନା ଏଥିରେ ସମ୍ପୃକ୍ତ ରାଜନେତାଙ୍କ ପକେଟ୍ ଗରମ ହେଉଛି ତାହା ଦେଖିବାକୁ ବାକି ରହିଲା ବୋଲି ଜିଲାସାରା ଚର୍ଚ୍ଚା ହେଉଛି।

---

## ଖାଦ୍ୟ ସୁରକ୍ଷା ଯୋଜନାରୁ ବଞ୍ଚିତ ଭିନ୍ନକ୍ଷମ ପରିବାର

**ଯାଜପୁରର ଅଫିସ,୨୬।୧୦**

କେନ୍ଦ୍ର ଖାଦ୍ୟ ସୁରକ୍ଷା ଯୋଜନାକୁ ଯଦି ଏହାର ନିୟମାନୁସାରେ ଲାଗୁ କରାଯାଇ ହିତାଧିକାରୀ ଚୟନ ହୋଇଥାନ୍ତା ତେବେ ରାଜ୍ୟର ଗୋଟିଏ ବି ପରିବାର ଏଥିରୁ ବଞ୍ଚିତ ହେବାର ସମ୍ଭାବନା ନ ଥିଲା। ସ୍ଥାନୀୟ ଜନ ପ୍ରତିନିଧିଙ୍କ ଦ୍ୱାରା ସମସ୍ତ ନୀତିନିୟମକୁ ଜଳାଞ୍ଜଳି ଦେଇ ଦଳୀୟ ଭିତ୍ତିରେ ହିତାଧିକାରୀ ଚୟନ ହୋଇଛି। ଏହି କାରଣରୁ ଭିକ୍ଷାବୃତ୍ତି କରି ପରିବାର ପ୍ରତିପୋଷଣ କରୁଥିବା ଯାଜପୁର ଜିଲା ଧର୍ମଶାଳା ବ୍ଲକ ସୁନ୍ଦରିଆ ପଞ୍ଚାୟତ ଅନ୍ତର୍ଗତ ସାରୋଇ ଗ୍ରାମର ଅନୁସୂଚିତ ଜାତି ବର୍ଗର ଭିନ୍ନକ୍ଷମ ବୃଦ୍ଧ ତୋଫାନ ମଳିକଙ୍କ ପରିବାର ଯୋଜନାରୁ ବାଦ ପଡ଼ିଛନ୍ତି। ତୋଫାନଙ୍କ ସ୍ତ୍ରୀ ଓ ଗୋଟିଏ ଝିଅ ମଧ୍ୟ ଭିନ୍ନକ୍ଷମ ଅଟନ୍ତି। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ ପଡ଼ିଥିବା ତୋଫାନ ମଳିକଙ୍କ ପରିବାର ଏବେ ବି ରାଜ୍ୟ ସରକାରଙ୍କ ଦ୍ୱାରା ଲାଗୁ ହୋଇଥିବା ଖାଦ୍ୟ ସୁରକ୍ଷା ଯୋଜନାରେ ହିତାଧିକାରୀ ହୋଇ ପାରିନାହାନ୍ତି। ଅନ୍ୟପକ୍ଷେ ସାରୋଇ ଗ୍ରାମର ଥିଳାବାଲା ପରିବାର ସବୁ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ହିତାଧିକାରୀ ସାଜି ନିୟମିତ ଖାଦ୍ୟଶସ୍ୟ ନେଇ ଚାଲିଛନ୍ତି ବୋଲି ମତପ୍ରକାଶ ପାଇଛି।

---

## ଯାଜପୁର ସିମେଣ୍ଟ କାରଖାନାର ଜନଶୁଣାଣି

**କଳିଙ୍ଗନଗର,୨୬।୧୦(ଡି.ଏନ୍.ଏ.)**




ଉପସ୍ଥିତ ଅଧିକାରମାନେ ସ୍ଥାନୀୟ ବାସିନ୍ଦାଙ୍କ ଠାରୁ ଅଭିଯୋଗ ଗ୍ରହଣ କରୁଛନ୍ତି।

କଳିଙ୍ଗନଗର ଶିଳ୍ପାଞ୍ଚଳ ଦାନଗଦୀ ବ୍ଲକ ଚାନ୍ଦିଆ ପଞ୍ଚାୟତ ଅନ୍ତର୍ଗତ କଟେରି ଗ୍ରାମରେ ପ୍ରସ୍ତାବିତ ୧.୫ ମିଲିୟନ ଟନ୍ କ୍ଷମତା ସମ୍ପନ୍ନ ଯାଜପୁର ସିମେଣ୍ଟ କାରଖାନା ପ୍ରତିଷ୍ଠାକୁ ନେଇ ଶୁକ୍ରବାର ଦାନଗଦୀ ଭବନ ପରିସରରେ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। କାରଖାନା କଳିଙ୍ଗନଗର ଏଡିଏମ୍ ସନ୍ତୋଷ କୁମାର ମିଶ୍ର, ପ୍ରଦୂଷଣ ନିୟନ୍ତ୍ରଣ ବିଭାଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରା ଏବଂ ଦାନଗଦୀ ତହସିଲଦାର ବୁଲବୁଲ ବେହେରାଙ୍କ ଉପସ୍ଥିତିରେ ଶୁଣାଣି କାର୍ଯ୍ୟକ୍ରମ ହୋଇଥିଲା। ସ୍ଥାନୀୟ ଅଞ୍ଚଳର ମୋଟ ୨୬ଜଣ ଲୋକଙ୍କ ବୟାନ ରେକର୍ଡ କରାଯାଇଥିବାବେଳେ ୪୦ରୁ ଊର୍ଦ୍ଧ୍ୱ ଲିଖିତ ଅଭିଯୋଗ କରିଥିଲେ। ଶୁଣାଣିରେ ୨ ଜଣ କାରଖାନା ବିପକ୍ଷରେ ମତ ପ୍ରକାଶ କରିଥିଲେ। କାରଖାନା ୨୬ ଏକର ପରିମିତ ଜାଗାରେ ୪ଶହ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହେବ। ନିର୍ମାଣ ସମୟରେ ୨୫୦ରୁ ୩୦୦ କର୍ମଚାରୀ ନିଯୁକ୍ତି ପାଇବେ ଏବଂ କାର୍ଯ୍ୟକ୍ଷମ ହେଲେ ସ୍ଥାୟୀ କର୍ମଚାରୀଭାବେ ୫୮ ଜଣ ନିଯୁକ୍ତି ପାଇବେ ବୋଲି କାରଖାନାର ଜଣେ ଅଧିକାରୀ ମିଟୁ ହେହେରା କହିଛନ୍ତି। ଏଥିସହ ୧୦ ବର୍ଷ ମଧ୍ୟରେ ୨୦ କୋଟି ଟଙ୍କା ବ୍ୟୟରେ ସ୍ଥାନୀୟ ଅଞ୍ଚଳର ପାରିପାର୍ଶ୍ୱିକ ଉନ୍ନତି ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ମିଟୁ କହିଛନ୍ତି। କେନ୍ଦୁଡ଼ିପି ଗ୍ରାମର ଦୁର୍ଯ୍ୟୋଧନ ବେହେରା, କାଳନ୍ଦୀ ସେଠୀ, ମାଧବାନନ୍ଦ ବେହେରା, ଆକାଶ ସାମଲ, କୃଷ୍ଣଚନ୍ଦ୍ର ପାଲ, ଉମେଶ ଚନ୍ଦ୍ର ଖିଲାର, ନ୍ଅଭିଷେକ କୁମାର ସାମଲ, ଦିଲ୍ଲୀପ ପରିଡ଼ା, ଶିବ ଶଙ୍କର ସିଂ, ପ୍ରଦୀପ ସାହୁ, ଗୌରୀ ଶଙ୍କର ବିଶ୍ୱାଳ, ପଞ୍ଚାନନ ବେହେରା, ବିଶ୍ୱଜିତ ନାୟକ, ପ୍ରଦୀପ କୁମାର ବେହେରା, ସୁଧାଂଶୁ ଭଞ୍ଜ, କିଶୋର ଜେନା, ଜୟନ୍ତୀ ଜେନା, ପରମାନନ୍ଦ ସେଠୀ, ବିଦ୍ୟାଧର ମହାନ୍ତି ପ୍ରମୁଖ କାରଖାନା ସପକ୍ଷରେ ବୟାନ ଦେଇଥିଲେ । ଏଥିସହ କାରଖାନା କର୍ତ୍ତୃପକ୍ଷ ଅଞ୍ଚଳର ପାରିପାର୍ଶ୍ୱିକ ଉନ୍ନତି ଯଥା ସମାଜକଲ୍ୟାଣକାରୀ ଯୋଜନା ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ରାସ୍ତାଘାଟ ଉନ୍ନତି ସହିତ ବହୁ ମାତ୍ରାରେ ବୃକ୍ଷ ରୋପଣ କରି ପରିବେଶର ସୁରକ୍ଷା ଓ ସ୍ଥାନୀୟ ଅଞ୍ଚଳର ଯୁବତୀଯୁବକଙ୍କୁ କାରଖାନାରେ ନିଯୁକ୍ତି ପାଇଁ ଦାବି କରିଥିଲେ। ଜିଲା ବାହାର ଲୋକମାନଙ୍କ ପାଇଁ ପୋଲିସ ଭେରିଫିକେସନ୍ ଦରକାର ପଡୁ ନ ଥିବାବେଳେ ଯାଜପୁର ବାସୀଙ୍କ ପାଇଁ ବାଧ୍ୟତାମୂଳକ କରାଯାଉଥିବାରୁ ଏହା ଅଞ୍ଚଳବାସୀଙ୍କ ସ୍ୱାଭିମାନ ପ୍ରତି ଆଘାତ ସୃଷ୍ଟି କରୁଛି। ଏ ନେଇ ଯାଜପୁର ସିମେଣ୍ଟ କାରଖାନା ଦୃଷ୍ଟି ଦେବାକୁ ଶ୍ରମିକ ନେତା ପରମାନନ୍ଦ ସେଠୀ କହିଥିଲେ। ଶୁଣାଣିରେ ଦାନଗଦୀ ଅଞ୍ଚଳର ଅଶୋକ କୁମାର ଦାସ ଓ ପ୍ରିତମ କୁମାର ରାୟ କାରଖାନା ପ୍ରତିଷ୍ଠାକୁ ବିରୋଧ କରିଥିଲେ। କଳିଙ୍ଗନଗରରେ ଛୋଟ ବଡ଼ କରି ୧୪ଟି କାରଖାନା ଗଢ଼ି ଉଠିଛି। କାରଖାନାରେ ବାହାର ରାଜ୍ୟରୁ ପିଲାମାନଙ୍କୁ ନିଯୁକ୍ତି ମିଳୁଥିବାବେଳେ ସ୍ଥାନୀୟ ବେକାର ଯୁବକ-ଯୁବତୀଙ୍କୁ ଉପେକ୍ଷା କରାଯାଉଛି । କାରଖାନା ଦ୍ୱାରା ହେଉଥିବା ପ୍ରଦୂଷଣ ଯୋଗୁ ସ୍ଥାନୀୟ ଲୋକେ ବିଭିନ୍ନ ରୋଗର ଶିକାର ହେଉଛନ୍ତି।

## ବରୁଆଁ ପଞ୍ଚାୟତରେ ଜନସମ୍ପର୍କ ପଦଯାତ୍ରା

**ବିରଜାକ୍ଷେତ୍ର,୨୬।୧୦(ଡି.ଏନ.ଏ)**

ବିଜୁ ଜନତା ଦଳ ପକ୍ଷରୁ ଅକ୍ଟୋବର ୨ରୁ ନଭେମ୍ବର ୨ ପର୍ଯ୍ୟନ୍ତ ଚାଲୁଥିବା ଜନସମ୍ପର୍କ ପଦଯାତ୍ରା ପରିପ୍ରେକ୍ଷୀରେ ଶୁକ୍ରବାର ଯାଜପୁର ବ୍ଲକ ଅନ୍ତର୍ଗତ ବରୁଆଁ ପଞ୍ଚାୟତରେ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବରୁଆଁ ମେଲଣ ପଡିଆଠାରେ ବରୁଆଁ ପଞ୍ଚାୟତ ବିଜେଡି ସଭାପତି ରସୁଲ୍ ବକ୍ସଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଯାଜପୁର ବ୍ଲକ ଅଧ୍ୟକ୍ଷ ପ୍ରଦୀପ ନାୟକ, ଯାଜପୁର ପୌରପରିଷଦର ପୂର୍ବତନ ଅଧ୍ୟକ୍ଷ ଭବପ୍ରସାଦ ଦାସ, ବିଧାୟକଙ୍କ ପ୍ରତିନିଧି ଅକ୍ଷୟ କୁମାର ମହାନ୍ତି, ବ୍ଲକ ବିଜେଡି ସଭାପତି ପ୍ରଭାତ ଘଡାଇ, ଜିଲା ସମ୍ପାଦକ ବ୍ରଜ କିଶୋର ପାଢୀ, ଉପସଭାପତି ପ୍ରକାଶ ତ୍ରିପାଠୀ, ବରୁଆଁ ସରପଞ୍ଚ ନନ୍ଦକିଶୋର ସାହୁ, ସମିତି ସଭ୍ୟା ସୁପ୍ରଭା ନାୟକ, ବରିଷ୍ଠ ନେତା ବ୍ରହ୍ମାନନ୍ଦ ନାୟକ, ନଏବ ସରପଞ୍ଚ ସସ୍ମିତା ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅଭିମନ୍ୟୁ ପରିଡା, ପତିତପାବନ ମହାନ୍ତି, ଅକ୍ଷତ ପରିଡା, ଶରତ ନାୟକ, ବୈକୁଣ୍ଠ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।

### ■ସରକାରୀ ଯୋଜନାରୁ ବଞ୍ଚିତ ଗରିବ

## ରାଜନୈତିକ ସମର୍ଥନ ନ ରହିଲେ ମିଳୁନି ଘର

**ବିରଜାକ୍ଷେତ୍ର,୨୬।୧୦(ଡି.ଏନ୍.ଏ)**

କେନ୍ଦ୍ର ଓ ରାଜ୍ୟ ସରକାର ଗରିବଙ୍କୁ ବିଭିନ୍ନ ଯୋଜନାରେ ପକ୍କାଘର ଯୋଗାଇ ଦେବା ପାଇଁ ପ୍ରୟାସ କରୁଛନ୍ତି। ମାତ୍ର ଜନପ୍ରତିନିଧି ଓ ସରକାରୀ କର୍ମଚାରୀଙ୍କ ମନମୁଖି କାର୍ଯ୍ୟ ତଥା ଦୁର୍ନୀତିଖୋର ନୀତି ଯୋଗୁ ବହୁ ହିତାଧିକାରୀ ଉକ୍ତ ଯୋଜନାରୁ ବାଦ୍ ପଡୁଛନ୍ତି। ଦଳୀୟଭିତ୍ତିକ ଚୟନରେ ପ୍ରକୃତ ହିତାଧିକାରୀ ଘର ଖଣ୍ଡିଏ ପାଇବାରୁ ବଞ୍ଚିତ ହେଉଥିବା ଦେଖିବାକୁ ମିଳୁଛି। ଦଳୀୟ ସମର୍ଥନ ନ ରହିଲେ ଗରିବ ହିତାଧିକାରୀ ସରକାରୀ ଯୋଜନାର ଫାଇଦା ନେଇପାରୁ ନ ଥିବା ପରିଲକ୍ଷିତ ହେଉଛି। ଯାଜପୁର ବ୍ଲକ ମାର୍କଣ୍ଡପୁର ପଞ୍ଚାୟତରେ ୨୦୧୧ରେ ହୋଇଥିବା ସର୍ଭେ ଅନୁଯାୟୀ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ୬୩ଜଣ ହିତାଧିକାରୀ ଗୃହ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। କ୍ରମିକ ନମ୍ବର ଅନୁଯାୟୀ ହିତାଧିକାରୀଙ୍କୁ ଘର ମିଳୁଥିଲେ ହେଁ ରାଜନୈତିକ ସମର୍ଥନ ନ ଥିବାରୁ ବହୁ ହିତାଧିକାରୀଙ୍କୁ କ୍ରମିକ ନମ୍ବରରୁ ବାଦ୍ ଦିଆଯାଇ ଅନ୍ୟ ହିତାଧିକାରୀଙ୍କୁ ସରକାରୀ ଯୋଜନାରେ ଘର ଯୋଗାଇ ଦିଆଯାଉଥିବା ଦେଖିବାକୁ ମିଳିଛି। ମାର୍କଣ୍ଡପୁର ପଞ୍ଚାୟତର ମାର୍କଣ୍ଡପୁର ଗ୍ରାମର କୁନା ଯେନା (୫୨) କ୍ରମିକ ନମ୍ବର ଅନୁସାରେ ୨୫୮ ନମ୍ବରରେ ଥିଲେ। ମାତ୍ର ୨୫୮ ନମ୍ବର ଅତିକ୍ରମ କରି ଅନ୍ୟ ହିତାଧିକାରୀ ଗୃହ ପାଇସାରିଲେଣି ମାତ୍ର କୁନା ପାଇପାରି ନାହାନ୍ତି। ଖଣ୍ଡିଏ ମାତ୍ର ଭଙ୍ଗା ଚାଳଘରେ କୁନାଙ୍କ ପରିବାର ଜୀବନ ବିତାଉଛନ୍ତି। ଘର ଖଣ୍ଡିଏ ପାଇଁ ପଞ୍ଚାୟତର ଜନପ୍ରତିନିଧିଙ୍କଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ଗୁହାରୀ କଲେ ବି ଘର ଖଣ୍ଡିଏ ପାଇପାରି ନାହାନ୍ତି। ଭଙ୍ଗା ଚାଳଘରେ ବହୁ କଷ୍ଟରେ ଜୀବନ ବିତାଉଛନ୍ତି। ସେହିପରି ସୁବ୍ରତ ପଣ୍ଡା ଓ କିଶୋର ପଣ୍ଡାଙ୍କ ଅବସ୍ଥା ମଧ୍ୟ ସମାନ। ଏମାନେ ରାଜନୈତିକ ଆକ୍ରୋଶର ଶିକାର ହୋଇ ଆଜିପର୍ଯ୍ୟନ୍ତ ଗୃହ ଖଣ୍ଡିଏ ପାଇପାରି ନାହାନ୍ତି। ମୁଣ୍ଡ ଗୁଞ୍ଜିବା ପାଇଁ ସରକାର ଖଣ୍ଡିଏ ବିଜୁ ପକ୍କାଘର ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଖଣ୍ଡିଏ ଗୃହ ଯୋଗାଇ ଦେବା ପାଇଁ ଏମାନେ ନିବେଦନ କରିଛନ୍ତି। ଯାଜପୁର ବ୍ଲକ ଉନ୍ନୟନ ଅଧିକାରୀ ସୌରଭ ଚକ୍ରବର୍ତ୍ତୀଙ୍କୁ ପଚାରିବାରେ, ଘଟଣା ବିଷୟରେ ଅବଗତ ନ ଥିଲି। ଖୁବ୍‌ଶୀଘ୍ର ତଦନ୍ତ କରି ସେମାନଙ୍କୁ ସରକାରୀ ଯୋଜନାରେ ସାମିଲ କରି ଘର ଯୋଗାଇ ଦେବାକୁ ବିହିତ ପଦକ୍ଷେପ ନେବେ ବୋଲି କହିଥିଲେ।

---

## ୨୮ରେ ବିଞ୍ଝାରପୁର ଆସିବେ ଧର୍ମେନ୍ଦ୍ର

**ବିଞ୍ଝାରପୁର,୨୬।୧୦(ଡି.ଏନ.ଏ):** କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆସନ୍ତା ୨୮ତାରିଖ ରବିବାର ବିଞ୍ଝାରପୁର ବ୍ଲକ ଗସ୍ତରେ ଆସିବେ ବୋଲି ଜଣାପଡ଼ିଛି। କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କ ଗସ୍ତକୁ ନେଇ ବ୍ଲକ ଭାଜପାରେ ଅହେତୁକ ଉତ୍ସାହ ଦେଖିବାକୁ ମିଳିଛି। ଖବର ମୁତାବକ ଆସନ୍ତା ରବିବାର କେନ୍ଦ୍ରମନ୍ତ୍ରୀ ପ୍ରଧାନ ବିଞ୍ଝାରପୁର ବ୍ଲକର ସିଂହପୁର କାକୁଡ଼ି ପଡିଆରେ ଆକାଶମାର୍ଗରେ ଅବତରଣ କରି ସିଂହପୁର ବଜାରସ୍ଥିତ କାଳୀ ପଡିଆରେ ଦଳୀୟ କର୍ମୀଙ୍କୁ ଉଦ୍‌ବୋଧନ ଦେବେ ବୋଲି ଜଣାପଡ଼ିଛି। ତାଙ୍କ ବିଞ୍ଝାରପୁର ଗସ୍ତକୁ ନେଇ ବିଞ୍ଝାରପୁର ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷାର ବନ୍ଦୋବସ୍ତ କରାଯାଇଛି ବୋଲି ଥାନାଧିକାରୀ ସୁଚିତ୍ର ବିର୍ଯ୍ୟ ଦାସ କହିଛନ୍ତି।

### ■ମୁଗୁପାଳ କଲେଜ: ଦୁଇ ଛାତ୍ର ଗୋଷ୍ଠୀ ମୁହାଁମୁହିଁ

## ଅଣଛାତ୍ରଙ୍କ ମାଡ଼ରେ ଛାତ୍ର ଆହତ

**ରସୁଲପୁର,୨୬।୧୦(ଡିଏନଏ)**

ରସୁଲପୁର ବ୍ଲକ ଅନ୍ତର୍ଗତ ଅଗ୍ରଣୀ କଲେଜ ଉପେନ୍ଦ୍ରନାଥ ଶାରଦା ମହାବିଦ୍ୟାଳୟ (ମୁଗୁପାଳ କଲେଜ)ରେ ଗୁରୁବାର ଦୁଇଛାତ୍ର ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ଉଭୟ ଗୋଷ୍ଠୀ ମଧ୍ୟରେ ମାରପିଟ୍ ଘଟିଛି। ଅଣଛାତ୍ରଙ୍କ ମାଡ଼ରେ ଜଣେ ଛାତ୍ର ଆହତ ହୋଇଛନ୍ତି। ସ୍ଥାନୀୟ ଅଞ୍ଚଳର କେତେଜଣ ଅଣଛାତ୍ରଙ୍କ ପାଦୁର୍ଭାବରୁ ଛାତ୍ରଙ୍କ ଉପରେ ହୋଇଥିବା ଆକ୍ରମଣ ସମ୍ପର୍କରେ ଅଭିଯୋଗ ଥାନା ପର୍ଯ୍ୟନ୍ତ ଆସି ପାରି ନ ଥିଲା। ମାତ୍ର ଏ ସମ୍ପର୍କରେ ଖବରପାଇ କୁଆଖିଆ ଥାନା ଅଧିକାରୀ ଆଶିଷ ସାହୁ ଘଟଣାସ୍ଥଳରେ ପହଞ୍ଚି ସ୍ଥିତିକୁ ନିୟନ୍ତ୍ରଣକୁ ଆଣିବାରେ ସକ୍ଷମ ହୋଇଥିଲେ। ମୁଗୁପାଳ କଲେଜର ଜଣେ ଛାତ୍ର ଶୁକ୍ରବାର ପୂର୍ବାହ୍ନ ପ୍ରାୟ ସାଢେ ୧୧ଟା ସମୟରେ କଲେଜର ମୁଖ୍ୟ ଫାଟକ ନିକଟରେ ଛିଡ଼ା ହୋଇଥିଲେ। ଉକ୍ତ ସ୍ଥାନରେ କୁଆଖିଆ ବାଜାର ନିକଟସ୍ଥ ସାରଙ୍ଗପୁର ଅଞ୍ଚଳର ଜଣେ ଅଣଛାତ୍ର ଉପସ୍ଥିତ ଥିଲେ। ସେ ଛାତ୍ରଙ୍କ ଉଦ୍ଦେଶ୍ୟରେ ଆପତ୍ତିଜନକ ମନ୍ତବ୍ୟ ଦେଇଥିଲେ। ଏହାକୁ ନେଇ ଛାତ୍ର ଓ ଅଣଛାତ୍ରଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଘଟଣାରେ ଉଭୟ ଗୋଷ୍ଠୀର ସମର୍ଥକମାନେ ଯୋଡି ହୋଇଯାଇଥିଲେ। କଲେଜ ପରିସରରେ ଏକ ବଡଧରଣର ଗଣ୍ଡଗୋଳ ଉପୁଜିବାର ସମ୍ଭାବନା ଦେଖାଦେଇଥିଲା। ସୂଚନା ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ପୋଲିସର ହସ୍ତକ୍ଷେପ ପରେ ଉଭୟ ଛାତ୍ର ଗୋଷ୍ଠୀଙ୍କ ମଧ୍ୟରେ ଜାରି ରହିଥିବା ଗଣ୍ଡଗୋଳ ଥମି ଯାଇଥିଲା। ମାତ୍ର ଘଟଣାକୁ ନେଇ ଚାପା ଉତ୍ତେଜନା ଲାଗି ରହିଛି। ଏହି କଲେଜରେ ଅନେକ ସମୟରେ ଅଣଛାତ୍ରଙ୍କ ଅନୁପ୍ରବେଶ ଯୋଗୁ ଗଣ୍ଡଗୋଳ ଉପୁଜୁଛି। ଏହାକୁ କଲେଜ ପକ୍ଷରୁ ଅଣଦେଖା କରାଯାଉଥିବାରୁ ଏଭଳି ଘଟୁଛି ବୋଲି ସାଧାରଣରେ ମତପ୍ରକାଶ ପାଉଛି। ଏ ନେଇ କଲେଜ କର୍ତ୍ତୃପକ୍ଷଙ୍କ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

### ■କମୁନି ଅନୁସୂଚିତ ଜାତି, ଜନଜାତିଙ୍କୁ ନିର୍ଯାତନା

# ୩ ବର୍ଷରେ ୩୦୩ ମାମଲା

**ଯାଜପୁର ଅଫିସ,୨୬।୧୦**



ଜିଲାସ୍ତରୀୟ ଜାଗରୁକତା କମିଟି ବୈଠକରେ ଉପସ୍ଥିତ ଅଧିକାରୀ।

**■୮୪ ମାମଲାର ସରୁନି ତଦନ୍ତ**
**■ପାରମ୍ପରିକ ଜଙ୍ଗଲ ଅଧିବାସୀଙ୍କୁ ମିଳିଛି ୧୭୨୭.୧୭ ଏକର ଜମି ପଟ୍ଟା**

ଯାଜପୁର ଜିଲାରେ ଅନୁସୂଚିତ ଜାତି ଓ ଜନଜାତିଙ୍କୁ ନିର୍ଯାତନା ଘଟଣା ଥମିବାର ନାଁ ନେଉନାହିଁ। ଗତ ୩ବର୍ଷ ମଧ୍ୟରେ ୩୦୩ଟି ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି। ସେଥିରୁ ସେପ୍ଟେମ୍ବର ସୁଦ୍ଧା ୨୧୯ଟି ମାମଲାର ତଦନ୍ତ ସରିଥିବାବେଳେ ୮୪ଟି ମାମଲାର ତଦନ୍ତ ଚାଲିଛି। ଜଙ୍ଗଲ ଅଧିକାର ଆଇନ ବଳରେ ୭୫ବର୍ଷ ଧରି ଅନୁସୂଚିତ ଜନଜାତି ଓ ପାରମ୍ପରିକ ଜଙ୍ଗଲ ଅଧିବାସୀଙ୍କୁ ଜମି ପ୍ରଦାନ କ୍ଷେତ୍ରରେ ୧୦,୪୬୪ଟି ଆବେଦନ ମଧ୍ୟରୁ ୫,୧୮୯ ଗୋଟି ଗ୍ରାମସଭା ମଞ୍ଜୁର କରି ସବ୍‌ଡିଭିଜନାଲ କମିଟିକୁ ପ୍ରେରଣ କରିଛି। ତନ୍ମଧ୍ୟରୁ ୫୧୭୯ଟି ଆବେଦନକୁ ସବ୍‌ଡିଭିଜନ କମିଟି ମଞ୍ଜୁର କରି ଜିଲା କମିଟିକୁ ପ୍ରେରଣ କରିଥିବାବେଳେ ଜିଲା କମିଟି ୫୧୬୫ଟିକୁ ମଞ୍ଜୁର କରି ସେମାନଙ୍କୁ ୧୭୨୭.୧୭ ଏକର ଜମି ପଟ୍ଟା ପ୍ରଦାନ କରିଛି। ଶୁକ୍ରବାର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ ଗୃହରେ ଅନୁସୂଚିତ ଜାତି ଓ ଜନଜାତି ନିର୍ଯାତନା ନିବାରଣ ଆଇନର ଧାରା-୧୭ ଅନୁଯାୟୀ ଜିଲାସ୍ତରୀୟ ଜାଗରୁକତା ଓ ପରିଚାଳନା କମିଟି ବୈଠକରେ ଏହି ତଥ୍ୟ ପ୍ରକାଶ ପାଇଛି। ଆନ୍ତର୍ଜାତି ବିବାହ କ୍ଷେତ୍ରରେ ସହାୟତା ରାଶି ୧ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯାଉଥିବାବେଳେ ୧୪।୩।୧୭ ତାରିଖରୁ ଏହା ୨.୫୦ ଲକ୍ଷକୁ ବୃଦ୍ଧି କରାଯାଇଛି। ଏ କ୍ଷେତ୍ରରେ ୨୦୧୭-୧୮ରେ ୬୩ଟି ଦରଖାସ୍ତ ମିଳିଥିବାବେଳେ ଯାଞ୍ଚ ପରେ ୪୯ଟି ପ୍ରସ୍ତାବ ସରକାରଙ୍କୁ ଦିଆଯାଇଥିଲା। ସେଥିପାଇଁ ମିଳିଥିବା ୧୯.୧୦ ଲକ୍ଷ ଟଙ୍କା ହିତାଧିକାରୀଙ୍କୁ ପ୍ରଦାନ କରାଯାଇଛି। ସେହିପରି ୨୦୧୮-୧୯ ଏପ୍ରିଲ ୧ରୁ ଅକ୍ଟୋବର ୨୦ ପର୍ଯ୍ୟନ୍ତ ୩୩ଟି ଆବେଦନ ପତ୍ର ମିଳିଥିବାବେଳେ ଯାଞ୍ଚ କରାଯାଇ ୩୦ଟିର ପ୍ରସ୍ତାବ ସରକାରଙ୍କୁ ପ୍ରଦାନ କରାଯାଇଛି। ଏଥିପାଇଁ ଆବଶ୍ୟକ ୨୦ଲକ୍ଷ ୫୩ହଜାର ଟଙ୍କା ସହାୟତା ରାଶି ପହଞ୍ଚିଲେ ହିତାଧିକାରୀଙ୍କୁ ପ୍ରଦାନ କରାଯିବ ବୋଲି ସୂଚିତ କରାଯାଇଛି। ନିର୍ଯାତନା ଘଟଣାରେ ୨୦୧୬ ରେ ୭୪ ଟି ଅନୁସୂଚିତ ଜାତି ଓ ୬ ଗୋଟି ଜନଜାତି ସମ୍ପର୍କୀୟ ଘଟଣାରେ ସମସ୍ତ ୮୦ଟିର ତଦନ୍ତ ସରିଛି। ୨୦୧୭ରେ ଅନୁସୂଚୀତ ଜାତିର ୧୦୩ଟି ଓ ଅନୁସୂଚିତ ଜନଜାତିର ୧୦୮ଟିର ତଦନ୍ତ ସରିଛି। ଅନ୍ୟ ୧୨ଟିର ତଦନ୍ତ ରିପୋର୍ଟ ବକେୟା ଅଛି। ସେହିପରି ୨୦୧୮ ସେପ୍ଟେମ୍ବର ୩୦ ସୁଦ୍ଧା ଅନୁସୂଚିତ ଜାତିର ୯୨ ଓ ଜନଜାତିର ୧୧ଟି ମଧ୍ୟରୁ ୩୨ଟି ମାମଲାର ତଦନ୍ତ ସରିଥିବାବେଳେ ୭୨ଟି ବାକି ରହିଛି। ୨୦୧୭-୧୮ ବର୍ଷରେ ୯୦ଟି ନିର୍ଯାତନା ମାମଲାରୁ ୭୭ ଆବେଦନ ପାଇଁ ୭୧,୦୮,୭୫୦ ଟଙ୍କା ମିଳିଥିବାବେଳେ ୬୬ ଜଣଙ୍କୁ ୫୭,୪୬,୨୫୦ ଟଙ୍କା ପ୍ରଦାନ କରାଯାଇଛି। ୨୦୧୮-୧୯ ଅକ୍ଟୋବର ୨୦ ପର୍ଯ୍ୟନ୍ତ ୬୬ଟି ନିର୍ଯାତନା ଘଟଣା ପାଇଁ ୪୦,୦୫,୦୦୦ ଟଙ୍କା ମଗାଯାଇଥିବା ବେଳେ ସରକାର ୧୨,୭୫,୦୦୦ ଟଙ୍କା ଦେଇଛନ୍ତି। ସେଥିରୁ ୧୩ ଜଣ ହିତାଧିକାରୀଙ୍କୁ ପ୍ରଦାନ କରାଯାଇଛି। ଅନୁସୂଚୀତ ଜାତି ଓ ଜନଜାତି ସମ୍ପ୍ରଦାୟକୁ ଆଇନ ସହାୟତା ପ୍ରଦାନ କ୍ଷେତ୍ରରେ ୪୦୩ଟି ମାମଲାରୁ ୨୭୯ ମାଗଣା ସହାୟତା ପ୍ରଦାନ କରାଯାଇ ସମାଧାନ କରାଯାଇଥିବା ବେଳେ ୮୧ଟି ମାମଲା ହାଇକୋର୍ଟରେ ବିଚାରାଧୀନ ରହିଛି। ୨୦୧୭-୧୮ରେ ୨ଟି ଜନଜାତି ଓ ୧୦୭ଟି ଅନୁସୂଚିତ ଜାତି ଗୋଷ୍ଠୀର ୧୦୯୦ ଜଣଙ୍କୁ ଆର୍ଥିକ ସହଯୋଗର ଲକ୍ଷ୍ୟ ଥିବାବେଳେ ୮୮ଟି ଗୋଷ୍ଠୀର ୯୦୩ ଜଣଙ୍କୁ ୯୦ଲକ୍ଷ ୨୦ହଜାର ଟଙ୍କାର ଆର୍ଥିକ ସହଯୋଗ ପ୍ରଦାନ କରାଯାଇଛି ବୋଲି ବୈଠକରେ ସୂଚନା ପ୍ରକାଶ ପାଇଥିଲା। ଜିଲାପାଳ ରଞ୍ଜନ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏମ୍‌ପି ରୀତା ତରାଇ ମୁଖ୍ୟଅତିଥି ଏବଂ ଜିଲା ପରିଷଦ ସଭାପତି ନରେଶ ଚନ୍ଦ୍ର ମହାନ୍ତି, ଉପଜିଲାପାଳ ନାରାୟଣଚନ୍ଦ୍ର ଧଳ, ଡିଏସପି ସଂଗ୍ରାମ ଟୁଡୁ ପ୍ରମୁଖ ଯୋଗଦେଇ ଅନୁସୂଚୀତ ଜାତି ଓ ଜନଜାତିର ବିଭିନ୍ନ କାର୍ଯ୍ୟକୁ ଅଧିକ କ୍ରିୟାଶୀଳ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ପ୍ରାରମ୍ଭରେ ଜିଲା ମଙ୍ଗଳ ଅଧିକାରୀ ଚେତନା ସେଠୀ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ପ୍ରକଳ୍ପ ନିର୍ଦ୍ଦେଶକ ବ୍ରଜଗୋପାଳ ଆଚାର୍ଯ୍ୟ ଧନ୍ୟବାଦ ପ୍ରଦାନ କରିଥିଲେ।



କଥାରେ ଅଛି 'ଆୟୁଷ କେତେ ଅଳ୍ପ', କିନ୍ତୁ କାର୍ଯ୍ୟ କରୁ ଯେପରି କି ଅନନ୍ତକାଳ ପର୍ଯ୍ୟନ୍ତ ବଞ୍ଚି ରହିଥିବୁ, ଏହା ହିଁ ବିଚିତ୍ରତା।
- ସେନେକା



## ସଂକ୍ଷେପରେ

### ନାବାଳିକାଙ୍କୁ ଅପହରଣ ଘଟଣା, ଜଣେ କୋର୍ଟ ଚାଲାଣ

ଛତିଆ,୨୬।୧୦(ଡି.ଏନ୍.ଏ) ନାବାଳିକାଙ୍କୁ ଅପହରଣ ଘଟଣାରେ ବୈରୀ ପୋଲିସ ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ବରୀ-ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ରମ୍ଭା ଗ୍ରାମର ବିକ୍ରମ ମଲ୍ଲିକ(୨୫)। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ପଠାଇ ଦିଆଯାଇଛି। ପ୍ରକାଶ ଯେ, ଗତ ୨୯।୯।୨୦୧୬ରେ ବିକ୍ରମ ବୈରୀ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରିଥିଲେ। ଏ ନେଇ ନାବାଳିକାଙ୍କ ବାପା ବୈରୀ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା(୭୭/୧୬) ରୁଜୁ କରି ତଦନ୍ତ ଜାରି ରଖିଥିଲା। ଗୁରୁବାର ରାତିରେ ବୈରୀ ଥାନାଧିକାରୀ ନିରଞ୍ଜନ ଶବର ବିକ୍ରମ ଘରେ ଥିବା କୌଣସି ସୂତ୍ରରୁ ଖବର ପାଇ ତାଙ୍କ ଘରେ ଚଢାଉ କରିଥିଲେ। ନାବାଳିକାଙ୍କୁ ଉଦ୍ଧାର କରିବା ସହ ବିକ୍ରମଙ୍କୁ ଗିରଫ କରିଥିଲେ। ଉଭୟଙ୍କ ଡାକ୍ତରୀମାଇନା ପରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଏଏସ୍ଆଇ ଅନୀଲ ସାହୁ, ଅଯୋଧା ନାୟକ, ବ୍ରହ୍ମାନନ୍ଦ ସ୍ୱାଇଁ, ଚିତ୍ତ ଜେନା, ପ୍ରମୋଦ ସାହୁ ପ୍ରମୁଖ ଚଢାଉରେ ସାମିଲ ଥିଲେ।

### ବାରମ୍ବାର ବିଦ୍ୟୁତ୍‌କାଟ ଯୋଗୁ ଗ୍ରାହକ ଅସନ୍ତୁଷ୍ଟ

ସିଂହପୁର,୨୬।୧୦(ଡି.ଏନ୍.ଏ.)- ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ବାଲମୁକୁଳି ବିଦ୍ୟୁତ୍ ଉପଖଣ୍ଡ ଅଧୀନ ସିଂହପୁର ଅଞ୍ଚଳରେ ବାରମ୍ବାର ବିଦ୍ୟୁତ୍‌କାଟ ଯୋଗୁ ଜନ ଅସନ୍ତୋଷ ବୃଦ୍ଧି ପାଉଛି। ସିଂହପୁର, ଓଳେଇ ଚନ୍ଦନପୁର, ବାଛୋଳ, ଟିଣା, ଫତେପୁର, ଜରୀ, ବାଙ୍ଗରା, ହଳଦୀଡିହ ଆଦି ଅଞ୍ଚଳରେ ବାରମ୍ବାର ବିଦ୍ୟୁତ୍‌କାଟ ହେଉଛି। ବିଦ୍ୟୁତ୍‌କାଟ ଯୋଗୁ ପିଲାମାନେ ପାଠପଢାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଦ୍ୟୁତ୍ ତାର ବହୁ ପୁରୁଣା ହୋଇଥିବାରୁ ଅଧିକାଂଶ ସମୟରେ ତାର ଛିଡ଼ିଯାଉଛି। ଶୁକ୍ରବାର ସକାଳେ ସିଂହପୁର ବଜାର ନିକଟରେ ବିଦ୍ୟୁତ୍ ତାର ଛିଡ଼ି ପଡିଥିଲା ବେଳେ ଲୋକେ କ୍ଷୟକ୍ଷତିରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଏ ନେଇ ଖବରଦାତା ଅନିରୁଦ୍ଧ ବେଉରିଆ ବିଦ୍ୟୁତ୍ ବିଭାଗକୁ ଜଣାଇବାରୁ ବିଭାଗ ପକ୍ଷରୁ ମରାମତି କରାଯାଇଥିଲା। ବାରମ୍ବାର ତାର ଛିଡୁଥିବାରୁ ଲୋକଙ୍କ ଜୀବନ ପ୍ରତି ବିପଦ ଦେଖାଦେଇଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେଇ ବିଦ୍ୟୁତ୍ ସମସ୍ୟା ଦୂରକରିବାକୁ ଉପଭୋକ୍ତା ଦାବି କରିଛନ୍ତି।

### ପୂର୍ବତନ ପ୍ରଧାନ ଶିକ୍ଷକଙ୍କ ବିୟୋଗରେ ଶୋକସଭା

କୋରେଇ,୨୬।୧୦(ସ୍ୱ.ପ୍ର.)- ଭୁବନେଶ୍ୱରପୁର ମଧ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ତଥା ଶେଷଦେବ ବାସନ୍ତୀ ହାଇସ୍କୁଲର ସମ୍ପାଦକ କାହ୍ନୁ ଚରଣ ଓଝାଙ୍କ ବିୟୋଗରେ ବିଦ୍ୟାଳୟ ପରିସରରେ ଶୁକ୍ରବାର ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ହାଇସ୍କୁଲର ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ପଣ୍ଡା ସଭାପତିତ୍ୱ କରିଥିଲେ। ପୁରାତନ ଛାତ୍ରୀଛାତ୍ର, ସାମାଜିକ କର୍ମୀ ସନ୍ତୋଷ ଦାସ, ଶିକ୍ଷାବିତ୍ ଉର୍ମିଳା ଷଡ଼ଙ୍ଗୀ, ସୁରେନ୍ଦ୍ର ରାୟ, ଭଗବାନ ପଣ୍ଡା, ନିର୍ମଳ ରଥ, ରବି ସାହୁ, ଗଣେଶ ସାହୁ, ସୁରେଶ ଦାସ, ରତ୍ନାକର ନାୟକ, ନରେନ୍ଦ୍ର ଘଡାଇ ପ୍ରମୁଖ ଯେଗଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଶିକ୍ଷକ ଧୀରେଶ ଦାସ, ଗଦାଧର ବିଶ୍ୱାଳ, ରତିକାନ୍ତ ରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

■ସରିବାକୁ ବସିଲାଣି ଆଞ୍ଚଳିକ ଶିଳ୍ପକେନ୍ଦ୍ର ଗୃହ

# ସ୍ଥାନାନ୍ତର ପାଇଁ ଗଡୁଛି ଦିନ

ଯାଜପୁର ଅଫିସ,୨୬।୧୦

■ଚିଠି ଲେଖିଲେ ଆଞ୍ଚଳିକ ଅଧିକାରୀ

■ଆସବାପତ୍ର କିଣା, ପରିବହନ ବାବଦକୁ ୧୨.୬୨ ଲକ୍ଷ ବ୍ୟୟ ଅଟକଳ

ଯାଜପୁର ଜିଲା ପାଇଁ ଉଦ୍ଦିଷ୍ଟ କଳିଙ୍ଗନଗର ଆଞ୍ଚଳିକ ଶିଳ୍ପ କେନ୍ଦ୍ର(ଆରଆଇସି) କାର୍ଯ୍ୟାଳୟ କଟକ ଜିଲା ଜଗତପୁରରେ ରହିଛି। ତେବେ ଇଡ୍‌କୋ ପକ୍ଷରୁ ପ୍ରାୟ ୨ମାସ ହେବ ଯାଜପୁରରୋଡ ଚାନ୍ଦମାଠାରେ ଆରଆଇସି କାର୍ଯ୍ୟାଳୟ ପାଇଁ ଗୃହ ପ୍ରାୟ ସମ୍ପୂର୍ଣ୍ଣ ହୋଇଛି। ହେଲେ ବିଭାଗୀୟ କର୍ତ୍ତୃପକ୍ଷ ବିଭିନ୍ନ ଆଳ ଦେଖାଇ ଆରଆଇସି କାର୍ଯ୍ୟାଳୟ ସେଠାରେ ଚାଲୁ ରଖିବାକୁ ମସୁଧା ଚଳାଇଛନ୍ତି। ଏହି ମର୍ମରେ ଆରଆଇସି ଜେନେରାଲ ମ୍ୟାନେଜର ଶିଳ୍ପ ନିର୍ଦ୍ଦେଶକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେ ତାଙ୍କ ପତ୍ରରେ ଦର୍ଶାଇଛନ୍ତି ଯେ, ଆରଆଇସି କାର୍ଯ୍ୟାଳୟ ସ୍ଥାନ ନିରୂପଣ ହେବା ପର୍ଯ୍ୟନ୍ତ ଜଗତପୁରରେ ଜାରି ରଖିବାକୁ ୩୦୦ କାରିଗର ଏ ନେଇ ଅନୁରୋଧ କରିଛନ୍ତି। ଯୋଗାଯୋଗ ଦୃଷ୍ଟିରୁ ଜଗତପୁର ପ୍ରକୃଷ୍ଟ ସ୍ଥାନ ବୋଲି କାରିଗରମାନେ ଦର୍ଶାଇଥିବା ଜେନେରାଲ ମ୍ୟାନେଜର ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି। ଅନ୍ୟପକ୍ଷେ ଚଣ୍ଡିଖୋଲ କିମ୍ବା ଜାରକାରେ ଜିଲା ଆରଆଇସି କାର୍ଯ୍ୟାଳୟ ସ୍ଥାପନ କରିବାକୁ କାରିଗରମାନେ ଦାବି କରୁଛନ୍ତି।

ସୂଚନାଯୋଗ୍ୟ ଯେ, ଗତ ୨ବର୍ଷ ହେଲା ଯାଜପୁରରୋଡ ଚାନ୍ଦମାଠାରେ ଆରଆଇସି କାର୍ଯ୍ୟାଳୟ ଗୃହ ପ୍ରାୟ ସମ୍ପୂର୍ଣ୍ଣ ହୋଇଛି। କେବଳ ରିସେପଶନ ଓ ର୍‍ୟାମ୍ପ କାର୍ଯ୍ୟ ବାକି ରହିଛି। ବିଦ୍ୟୁତ ସଂଯୋଗ ପାଇଁ ସମସ୍ତ ବ୍ୟବସ୍ଥା ହୋଇସାରିଛି। ଏପରିକି କାର୍ଯ୍ୟାଳୟ ଆସବାବପତ୍ର ଆଦି କିଣିବା ସହିତ ପରିବହନ ଖର୍ଚ୍ଚ ବାବଦକୁ ବିଭାଗ ପକ୍ଷରୁ ୧୨ଲକ୍ଷ ୬୨ହଜାର ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଏଥିପାଇଁ ଶିଳ୍ପ ନିର୍ଦ୍ଦେଶାଳୟକୁ ଦୃଷ୍ଟି ଆକର୍ଷଣ କରାଯାଇଛି। ଜବରଦଖଲ ତଥା ବେଆଇନ କାର୍ଯ୍ୟକଳାପ ଯେପରି ନ ହେବ ସେଥିପାଇଁ ଜଗତପୁରରେ ଚାଲିଥିବା ଗୃହ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରିବାକୁ ମଧ କୁହାଯାଇଛି। ତଥାପି ଦିନ ଗଡ଼ି ଚାଲିଛି। ଯଦ୍ୱାରା ଜିଲାସାରା ଗ୍ରାମାଞ୍ଚଳ ତଥା ସହରାଞ୍ଚଳ ଉଦ୍ୟୋଗୀଙ୍କ ଦ୍ୱାରା ଲଘୁ ଉଦ୍ୟୋଗ ସ୍ଥାପନ ପାଇଁ ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ(ଏମ୍ଏସ୍ଏମ୍ଇ)ରେ ବିଭିନ୍ନ କାର୍ଯ୍ୟକ୍ରମ ଲକ୍ଷ୍ୟଚ୍ୟୁତ ହୋଇଛି। ଯାଜପୁର ଜିଲା ଶିଳ୍ପ କେନ୍ଦ୍ରରୁ ମିଳିଥିବା ତଥ୍ୟ ଅନୁସାରେ ୨୦୧୮-୧୯ ଆର୍ଥିକ ବର୍ଷରେ ଲକ୍ଷ୍ୟଧାର୍ଯ୍ୟ ୩୬୦୦ ମଧ୍ୟରୁ ମାସିକ ଅଗ୍ରଗତି ମଧ ନୈରାଶ୍ୟଜନକ ହୋଇଛି। ଚଳିତ ଆର୍ଥିକ ବର୍ଷରେ ଏମ୍ଏସ୍ଏମ୍ଇ ପକ୍ଷରୁ ଯାଜପୁର ଜିଲା ଶିଳ୍ପକେନ୍ଦ୍ରକୁ ୨୧,୬୦୦ ଲକ୍ଷ ଟଙ୍କା ବିନିଯୋଗ କରି ୧୮ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ଦିଆଯାଇଛି। କିନ୍ତୁ ମାସିକ ଅଗ୍ରଗତି ରିପୋର୍ଟ ନୈରାଶ୍ୟଜନକ ହୋଇଥିବାରୁ ରାଜ୍ୟ ଶିଳ୍ପ ନିର୍ଦ୍ଦେଶାଳୟ କାର୍ଯ୍ୟାଳୟରୁ ଯୁଗ୍ମ ନିର୍ଦ୍ଦେଶକ ବି.ବି. ଧଳ ଅତୀତରେ ଉଦବେଗ ପ୍ରକାଶ କରିବା ସହିତ ମାସିକ ଲକ୍ଷ୍ୟ ହାସଲ ପାଇଁ ଆନ୍ତରିକତା ପ୍ରଦର୍ଶନ କରିବାକୁ ନିର୍ଦ୍ଦେଶ ଜାରି କରିଥିଲେ। ଶିକ୍ଷିତ ବେକାର ଯୁବତୀଯୁବକଙ୍କ ଆତ୍ମନିର୍ଭରଶୀଳ ପାଇଁ ଏହି ଯୋଜନାରେ କାର୍ଯ୍ୟକାରୀ ହେଉଥିବା ପ୍ରଧାନମନ୍ତ୍ରୀ କର୍ମନିଯୁକ୍ତି ସୃଷ୍ଟି କାର୍ଯ୍ୟକ୍ରମ (ପିଏମ୍ଇଜିପି) ମଧ ଫଳପ୍ରଦ ହେଉନାହିଁ। ବିଭାଗୀୟ ଅଧିକାରୀଙ୍କ ଦୂରଦୃଷ୍ଟି ଅଭାବ ଓ ବେପରୁଆ ମନୋଭାବ ଯୋଗୁ ଦିନକୁ ଦିନ କାର୍ଯ୍ୟକ୍ରମ ମୂଳ ଲକ୍ଷ୍ୟଠାରୁ ଦୂରେଇ ଯିବାରେ ଲାଗିଛି। ଜିଲାର ଶିଳ୍ପ ବିକାଶ ପାଇଁ ଗୁରୁଦାୟିତ୍ୱ ବହନ କରୁଥିବା ଶିଳ୍ପକେନ୍ଦ୍ର, ବ୍ୟାଙ୍କ/ଆରଆରବି, କେଭିଆଇସି ଓ କେଭିଆଇବି ଆବଶ୍ୟକତା ଅନୁଯାୟୀ ସକ୍ରିୟ ହେଉ ନ ଥିବା ଓ ସହଯୋଗ କରୁ ନ ଥିବା କାରଣରୁ ଜିଲାରେ ଶିଳ୍ପ ବିକାଶର ଗତି ଦିନକୁ ଦିନ ମନ୍ଥର ହେବାରେ ଲାଗିଛି। ଏଥିସହ ଯାଜପୁର ଜିଲା ପରିସୀମା ମଧ୍ୟରେ ଜିଲା ମୁଖ୍ୟ କାର୍ଯ୍ୟାଳୟ ନ ହୋଇ କଟକ ଜିଲା ଜଗତପୁରରେ ଏହା କାର୍ଯ୍ୟକାରୀ ହେଉଥିବାରୁ ଜିଲାରେ ଶିଳ୍ପ ବିକାଶର ସଠିକ ବାତାବରଣ ସୃଷ୍ଟି କରାଯାଇ ପାରୁ ନାହିଁ। ଏହି ଯୋଜନାରେ ୨୦୧୮-୧୯ ଆର୍ଥିକ ବର୍ଷରେ ଜିଲାର ଯାଜପୁର ଓ ବ୍ୟାସନଗର ପୌରାଞ୍ଚଳ ସମେତ ୧୦ଟି ବ୍ଲକ ଅଞ୍ଚଳର ୩୩୨ଟି ୱାର୍ଡ/ଗ୍ରାମପଞ୍ଚାୟତରେ ୩୬୦୦ଜଣଙ୍କୁ ଏହି ଯୋଜନାରେ ସାମିଲ କରାଯିବ। ଏଥିରେ ୨୧,୬୦୦ ଲକ୍ଷ ଟଙ୍କା ପୁଞ୍ଜି ଲଗାଣ କରାଯାଇ ୧୮ହଜାର ନୂତନ ନିଯୁକ୍ତି ସୃଷ୍ଟି କରିବାକୁ ଶିଳ୍ପ ନିର୍ଦ୍ଦେଶାଳୟ ପକ୍ଷରୁ ଲକ୍ଷ୍ୟଧାର୍ଯ୍ୟ ହୋଇଛି। ବିଗତ ବର୍ଷରେ ମଧ ଲକ୍ଷ୍ୟଧାର୍ଯ୍ୟ ପୂରଣ କରିବାରେ ଏହି କେନ୍ଦ୍ର ବିଫଳ ହୋଇଥିବା ନଜିର ରହିଛି। ଏ ସଂକ୍ରାନ୍ତରେ ଆଞ୍ଚଳିକ ଶିଳ୍ପକେନ୍ଦ୍ରର ପରିଚାଳକ ମନୋଜ କୁମାର ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, ଚାନ୍ଦମାଠାରେ ଆରଆଇସି ଗୃହ ପ୍ରାୟ ସମ୍ପୂର୍ଣ୍ଣ ହୋଇସାରିଛି। ବିଭାଗୀୟ ନିର୍ଦ୍ଦେଶ ଆସିଲା ପରେ କାର୍ଯ୍ୟାଳୟକୁ ସ୍ଥାନାନ୍ତରଣ କରାଯିବ।

## ଆମ୍ବେଦକର ରଥକୁ ସ୍ୱାଗତ

ବାଲିଚନ୍ଦ୍ରପୁର, ୨୬।୧୦ (ସ୍ୱ.ପ୍ର.)

ବହୁଜନ କ୍ରାନ୍ତି ମୋର୍ଚ୍ଚା ପକ୍ଷରୁ ସରକାରଙ୍କ ବହୁଜନ ବିରୋଧୀ ନୀତି ବିରୋଧରେ ଦେଶବ୍ୟାପୀ ଜନସଚେତନତା ପାଇଁ ଶୁକ୍ରବାର ରାଷ୍ଟ୍ରୀୟ ପରିବର୍ତ୍ତନ ଯାତ୍ରା ଅବସରରେ ବାହାରିଥିବା ଆମ୍ବେଦକର ରଥ ଯାଜପୁର ଜିଲା ପାଣିକୋଇଲି, କୁଆଖିଆ, ଜାରକା, ଚଣ୍ଡିଖୋଲ ଓ ବାଲିଚନ୍ଦ୍ରପୁର ଗସ୍ତ କରିଥିଲା। ବାଲିଚନ୍ଦ୍ରପୁରଠାରେ ଆମ୍ବେଦକରଙ୍କ ରଥକୁ ସ୍ୱାଗତ କରାଯାଇଥିଲା। ବାଲିଚନ୍ଦ୍ରପୁର ବାଇପାସଠାରୁ ଏକ ବିରାଟ ପଟୁଆରରେ ବଜାର ପରିକ୍ରମା କରାଯାଇ କଲେଜ ଛକଠାରେ ଭାନଜୀ ଭାଇ ରାଥୋହଙ୍କ ଅଧ୍ୟକ୍ଷତାରେ ଏକ ସଭା ଆୟୋଜିତ ହୋଇଥିଲା। ରାଷ୍ଟ୍ରୀୟ ସଂଯୋଜକ ୱାମନ ମେଶ୍ରାମ ସାହେବ ଯୋଗଦେଇଥିଲେ। ପୂର୍ବତନ ସରପଞ୍ଚ ଜିତେନ୍ଦ୍ର ଜେନା, ପବନେଶ୍ୱର ଜେନା, ଏକାଦଶୀ ସେଠୀ, ଦୁଷ୍ମନ୍ତ ଜେନା, ରମେଶ ଜେନା, ରାଜେଶ ଦାସ, ସୁଜଳ ବେହେରା, ସଞ୍ଜୟ ସେଠୀ, ଶରତ ଜେନା, ଅଜୟ କୁମାର ସେଠୀ, ଶରତ କୁମାର ସେଠୀ ପ୍ରମୁଖ ଶତାଧିକ କର୍ମୀ ଯୋଗଦେଇ ଆମ୍ବେଦକରଙ୍କ ନୀତି ଆଦର୍ଶ ଉପରେ ଆଲୋକପାତ କରିଥିଲେ।

■ଫାଇନାନ୍ସ କମ୍ପାନୀର ସେଲ୍‌ସ ଏକଜିକ୍ୟୁଟିଭ୍‌ଙ୍କୁ ଅପହରଣ ଉଦ୍ୟମ ଘଟଣା

## ଏସ୍‌ପିଙ୍କୁ ଭେଟିଲେ ଅଭିଯୋଗକାରୀ

କୋରେଇ,୨୬।୧୦(ସ୍ୱ.ପ୍ର.)

ଜାରକା ବଜାରରେ ଫାଇନାନ୍ସ କମ୍ପାନୀର ସେଲ୍ସ ଏକଜିକ୍ୟୁଟିଭଙ୍କୁ ଅପହରଣ ଉଦ୍ୟମ ଘଟଣାରେ କମ୍ପାନୀର କର୍ମଚାରୀ ଅରବିନ୍ଦ ଷଡ଼ଙ୍ଗୀ ଶୁକ୍ରବାର ଏସ୍‌ପି ଚରଣ ସିଂ ମୀନାଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସ୍‌ପି ମୀନା ପ୍ରତିଶ୍ରୁତି ଦେଇଛନ୍ତି। ପ୍ରକାଶ ଯେ, ଜାରକାସ୍ଥିତ ଏକ ବାଇକ୍ ଶୋ'ରୁମରେ ଫାଇନାନ୍ସ କମ୍ପାନୀର ସେଲ୍‌ସ ଏକଜିକ୍ୟୁଟିଭ୍ ଭାବେ କାଏମା ଅଞ୍ଚଳର ଅରବିନ୍ଦ ଷଡ଼ଙ୍ଗୀ କାର୍ଯ୍ୟ କରନ୍ତି। ଗତ ୨୦ ତାରିଖ ଅପରାହ୍ଣରେ ୪/୫ ଜଣ ଅସାମାଜିକ ବ୍ୟକ୍ତି ଏକ କାରରେ ଶୋ'ରୁମ ନିକଟକୁ ଆସି ବାହାରେ ଠିଆ ହୋଇଥିବା ଅରବିନ୍ଦଙ୍କୁ ଚଢେଇଧରାର ଅନ୍ୟ ଏକ ଶୋ'ରୁମ୍‌ରେ କାମ କରିବା ପାଇଁ ପ୍ରସ୍ତାବ ଦେଇଥିଲେ।




ଏସ୍‌ପିଙ୍କୁ ଭେଟିବାକୁ ଆସିଥିବା ଅଭିଯୋଗକାରୀମାନେ ।

ମାତ୍ର ସେଥିରେ ସେ ରାଜି ନ ହେବାରୁ ତାଙ୍କୁ ମାଡ ମାରିବା ସହ ବନ୍ଧୁକ ଦେଖାଇ ଅପହରଣ ଉଦ୍ୟମ କରିଥିଲେ। ହେଲେ ଅରବିନ୍ଦ ତାଙ୍କ କବଳରୁ ଖସି ଆସିଥିଲେ। ଦୁର୍ବୃତ୍ତମାନେ ମଧ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ତାଙ୍କଠାରୁ ଏକ ସୁନାଚେନ୍ ଲୁଟ୍ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଏ ନେଇ ଅରବିନ୍ଦ ଧର୍ମଶାଳା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇଥିଲା। ହେଲେ ଘଟଣାର ୬ ଦିନ ବିତିଯାଇଥିଲେ ମଧ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ।

## ୨୦ରୁ ଊର୍ଦ୍ଧ୍ୱ ମଣ୍ଡପରେ ପୂଜା ପାଉଛନ୍ତି ମା'ଲକ୍ଷ୍ମୀ

ବାଲିଚନ୍ଦ୍ରପୁର,୨୬।୧୦(ସ୍ୱ.ପ୍ର.)

ଯାଜପୁର ଜିଲା ବଡ଼ଚଣା ଅଞ୍ଚଳର ବିଭିନ୍ନ ପୂଜା ମଣ୍ଡପରେ ମହାଲକ୍ଷ୍ମୀ ପୂଜା ପାଳିତ ହେଉଛି। ବାଲିଚନ୍ଦ୍ରପୁରରେ ପବିତ୍ର କୁମାର ପୂର୍ଣ୍ଣିମା ଉପଲକ୍ଷେ ପ୍ରତିବର୍ଷ ପରି ଚଳିତ ବର୍ଷ ୫୭ତମ ମହାଲକ୍ଷ୍ମୀଙ୍କ ପୂଜା ଆରମ୍ଭ ହୋଇଯାଇଛି। ଜଗନ୍ନାଥ ବଜାରର ସଭାପତି ଦିବାକର ବିଶ୍ୱାଳ, ଉପସଭାପତି ବୈକୁଣ୍ଠ ପଣ୍ଡା, ସମ୍ପାଦକ ଦାମୋଦର ମହାରଣା ଓ ସଭ୍ୟମାନେ ପୂଜା ଆୟୋଜନ କରିଛନ୍ତି। ଏହି ବଜାରରେ ୨୦ରୁ ଊର୍ଦ୍ଧ୍ୱ ମଣ୍ଡପରେ ମା'ଙ୍କ ପୂଜା କରାଯାଉଛି। ଶୁକ୍ରବାର ସନ୍ଧ୍ୟାରେ ମଣ୍ଡପଗୁଡ଼ିକରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତିକୁ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଛି। ଏହି ଅବସରରେ ମା' ମଲ୍ୟାବୁଡୀ ନାଟ୍ୟ ପରିଷଦ ଓ ମା' ସରସ୍ୱତୀ ବଜାର କମିଟି ପକ୍ଷରୁ ଏକ ମୀନାବଜାର ଅନୁଷ୍ଠିତ କରାଯାଇଛି। ବାଲିଚନ୍ଦ୍ରପୁର ଥାନାଧିକାରୀ ରାକେଶ ତ୍ରିପାଠୀ ମୀନାବଜାର ଉଦ୍‌ଘାଟନ କରିଥିଲେ। ନାଟ୍ୟ ପରିଷଦ ସଭାପତି ପ୍ରମୋଦ କୁମାର ଦାସ ଓ ସମ୍ପାଦକ ପ୍ରକାଶ ସାମଲ, ମା ସରସ୍ୱତୀ ବଜାର କମିଟି ସଭାପତି ପ୍ରତାପ ସାହୁ, ବ୍ରଜକିଶୋର ଜେନା, କ୍ଷୀରୋଦଚନ୍ଦ୍ର ଚମ୍ପତିରାୟ, ପ୍ରଭାସ ଚନ୍ଦ୍ର ପାଢୀ ପ୍ରମୁଖ ସହଯୋଗ କରିଥିଲେ।

■ରୌପ୍ୟକାନ୍ତଙ୍କ ମୃତ୍ୟୁ ଘଟଣାକୁ ୪୫ ଦିନ ବିତିଲା

## ସ୍ପଷ୍ଟ ହୋଇପାରିଲାନି ମୃତ୍ୟୁର କାରଣ

ରତ୍ନଗିରି,୨୬।୧୦(ଡି.ଏନ୍.ଏ.)

ରୌପ୍ୟକାନ୍ତଙ୍କ ମୃତ୍ୟୁ ଘଟଣାକୁ ୪୫ ଦିନ ବିତିଲା। ହେଲେ ଅଦ୍ୟାବଧି ଫୋରେନ୍ସିକ ଲ୍ୟାବ୍‌ରୁ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିନାହିଁ। ତେଣୁ ତାଙ୍କ ମୃତ୍ୟୁ ରହସ୍ୟ ଘେରରେ ଥିବା ସାଧାରଣରେ ଆଲୋଚନା ହେଉଛି। ବରୀ ବ୍ଲକ ଅଧୀନ କଳାମାଟିଆ ପଞ୍ଚାୟତର ଷ୍ଟେଟ୍ ବ୍ୟାଙ୍କ ନିକଟସ୍ଥ ଏକ ପୋଖରୀରୁ ୧୧।୦୯।୨୦୧୮ରେ ରୌପ୍ୟକାନ୍ତ ଧଳଙ୍କ ମୃତଦେହ ପୋଲିସ ଜବତ କରି ଏକ ଅପମୃତ୍ୟୁ ମାମଲା(୧୨/୧୮) ରୁଜୁ କରିଥିଲା। ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ପରବର୍ତ୍ତୀ ସମୟରେ ରୌପ୍ୟକାନ୍ତଙ୍କ ବାପା ଅଭିରାମ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ବରୀ ଥାନାରେ ଅଭିଯୋଗ କରିଥିଲେ। ହେଲେ ପୋଲିସ ଅଭିଯୋଗ ଗ୍ରହଣ ନ କରିବାରୁ ଅଭିରାମ ଓ ତାଙ୍କ ପରିବାର ଯାଜପୁର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିଲେ। ଏ ନେଇ ବିଜେଡି, ଭାଜପା ଓ କଂଗ୍ରେସ ପକ୍ଷରୁ ଥାନା ଘେରାଉ କରାଯାଇ ନିରପେକ୍ଷ ତଦନ୍ତ ଦାବି କରାଯାଇଥିଲା। ପୋଲିସ ଏହି ହତ୍ୟା ଘଟଣାରେ ୬ ଜଣଙ୍କୁ ଗିରଫ କରି ଏକ ମାମଲା(୧୩୨/୧୮) ରୁଜୁ କରିଥିଲା । ୨୦।୦୯।୨୦୧୮ରେ ଯାଜପୁର ମୁଖ୍ୟ ଚିକିତ୍ସାଳୟରୁ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏଥିରେ ମୃତ୍ୟୁର କାରଣ ଅସ୍ପଷ୍ଟ ଥିଲା। ତେଣୁ ଥାନା ତରଫରୁ ଏହି ରିପୋର୍ଟରେ ପୁନଃ ପରୀକ୍ଷା ପାଇଁ ଫୋରେନ୍ସିକ ଲ୍ୟାବ୍‌କୁ ପଠାଯାଇଥିଲା । ମାତ୍ର ଅଦ୍ୟାବଧି ବ୍ୟବଚ୍ଛେଦ ରିପୋର୍ଟ ଆସିନାହିଁ।

## ଯାଜପୁରରୋଡରେ ଲକ୍ଷ୍ମୀ ପୂଜାର ମାହୋଲ

ଯାଜପୁରରୋଡ,୨୬।୧୦(ନି.ପ୍ର.)

ଯାଜପୁରରୋଡ ସହରରେ ବିଭିନ୍ନ ସ୍ଥାନରେ ମଙ୍ଗଳବାରଠାରୁ ଲକ୍ଷ୍ମୀପୂଜା ଆରମ୍ଭ ହୋଇଛି। ୧୫ରୁ ଊର୍ଦ୍ଧ୍ୱ ମା' ଲକ୍ଷ୍ମୀଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ପାଉଛନ୍ତି । ଏହି ପୂଜା ୭ ଦିନ ଧରି ଚାଲିବ। ଲକ୍ଷ୍ମୀ ମାର୍କେଟରେ ଥିବା ମା'ଲକ୍ଷ୍ମୀଙ୍କ ପୀଠରେ ମହାଆଡ଼ମ୍ବରରେ ପୂଜା କରାଯାଉଛି। ରଙ୍ଗବେରଙ୍ଗର ବିଦ୍ୟୁତ୍ ଆଲୋକମାଳା ଓ ତୋରଣ ସଜା ହୋଇଛି। ୪୧ ବର୍ଷ ପୂର୍ବେ ଏଠାରେ ମା'ଲକ୍ଷ୍ମୀଙ୍କ ମେଢ ପୂଜା କରାଯାଉଥିଲା । ପରେ ଏହା ପୀଠରେ ପରିଣତ ହୋଇଛି । ତେଣୁ ବର୍ଷକ ବାରମାସ ଏଠାରେ ମା'ଙ୍କ ପୂଜାର୍ଚ୍ଚନା କରାଯାଏ । ମଙ୍ଗଳବାର ରାତିରୁ ମା'ଙ୍କ ସ୍ୱତନ୍ତ୍ର ପୂଜା, ବଡସିଂହାର ବେଶ ଓ ମହାଯଜ୍ଞ ଆୟୋଜିତ କରାଯାଇଛି । ମା'ଙ୍କ ଦର୍ଶନ ପାଇଁ ସନ୍ଧ୍ୟାରେ ସହସ୍ର ଶ୍ରଦ୍ଧାଳୁଙ୍କ ଭିଡ ଜମୁଛି । ପୂଜା କମିଟି ସଭାପତି ପ୍ରମୋଦ ପରିଡା, ସମ୍ପାଦକ ସଞ୍ଜୟ ମହାନ୍ତି, କୋଷାଧ୍ୟକ୍ଷ ଅଂଶୁମାନ ରିତ ପାଲ ପ୍ରମୁଖ ପୂଜା ପରିଚାଳନା କରିବା ସହ ଶୃଙ୍ଖଳା ରକ୍ଷା କରୁଛନ୍ତି। ଦୈନିକ ଭଜନ ସମାରୋହ କରାଯିବ ସହ ପ୍ରସାଦ ସେବନର ବ୍ୟବସ୍ଥା ରହିଛି।

## ମା'ବାଗେଶ୍ୱରୀ ସାଂସ୍କୃତିକ ପରିଷଦର ରୌପ୍ୟ ଜୟନ୍ତୀ ଉତ୍ସବ

କୋରେଇ,୨୬।୧୦(ସ୍ୱ.ପ୍ର.)

କରଦା ପଞ୍ଚାୟତସ୍ଥିତ କରଦା ସାହୁ ସାହିର ରାଧାକାନ୍ତ କ୍ଲବ ଆନୁକୂଲ୍ୟରେ ଶୁକ୍ରବାର ମା' ବାଗେଶ୍ୱରୀ ସାଂସ୍କୃତିକ ପରିଷଦର ରୋପ୍ୟ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସରପଞ୍ଚ ଗଣେଶ ସାହୁ ସଭାପତିତ୍ୱ କରିଥିଲେ। କୋରେଇ ବିଧାୟକ ଆକାଶ ଦାସନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ପ୍ରଶାନ୍ତ ମହାପାତ୍ରଙ୍କ ସଞ୍ଚାଳନରେ ଅନୁଷ୍ଠିତ ସଭାରେ ଯାଜପୁର ଜିଲା ସାମ୍ବାଦିକ ୟୁନିୟନ ସଭାପତି ସୁବାସ ଧଳ, ଧନେଶ୍ୱର ବାରିକ, କୃଷକ ନେତା ବଳରାମ ସାହୁ, ରଙ୍ଗାଧର ସାହୁ, ସ୍ମିତାରାଣୀ ସାହୁ ପ୍ରମୁଖ ଯୋଗଦେଇ ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ । ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଶଙ୍କର ଚିତ୍ରାଳୟର ମାଲିକ ଶଙ୍କର୍ଷଣ ସାହୁ, ନାଟ୍ୟ ନିର୍ଦ୍ଦେଶକ ହାଡିବନ୍ଧୁ ସାହୁଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ଅଭିରାମ ସାହୁ, କୀର୍ତ୍ତିଚନ୍ଦ୍ର ସାହୁ, ଅନନ୍ତ ସାହୁ, ଦୁର୍ଯ୍ୟୋଧନ ସାହୁ, କୁନା ସାହୁ, ଅକ୍ଷୟ ସାହୁ, ସୁଦର୍ଶନ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଲଳିତଗିରି ପରିଦର୍ଶନ କଲେ ୩୦୦ ବୌଦ୍ଧ ଭିକ୍ଷୁ

ବାଲିଚନ୍ଦ୍ରପୁର,୨୬।୧୦(ସ୍ୱ.ପ୍ର.)

ଓଡ଼ିଶାର ବୌଦ୍ଧ କୀର୍ତ୍ତିରାଜିର ବ୍ୟାପକ ପ୍ରଚାର ପ୍ରସାର ପାଇଁ ପେଲ୍ ଦୁପକା ଚାରିଟେବଲ୍ ଟ୍ରଷ୍ଟ ଓ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ଦ୍ୱାରା ୨୪ ଅକ୍ଟୋବର ୨୦୧୮ଠାରୁ ୩୧ ଅକ୍ଟୋବର ପର୍ଯ୍ୟନ୍ତ ଏକ ସପ୍ତାହ ବ୍ୟାପୀ ପଦଯାତ୍ରାର ଶୁଭାରମ୍ଭ ହୋଇଛି। ଏ ନେଇ ଶୁକ୍ରବାର ଏକ ପଦଯାତ୍ରା ଭୁବନେଶ୍ୱରସ୍ଥିତ ଖଣ୍ଡଗିରି, ଧଉଳିଗିରିରୁ ବାହାରି ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଓଳାଶୁଣୀ ଛକଠାରେ ପହଞ୍ଚିଥିଲା। ପରମପୂଜ୍ୟ ଗୁରୁ ଗ୍ୟାଲୱାଙ୍ଗ ଦୃକପାଙ୍କ ନେତୃତ୍ୱରେ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ଭାରତ ଓ ଭାରତ ବାହାରର ବିଭିନ୍ନ ଅଞ୍ଚଳରୁ ୩୦୦ରୁ ଊର୍ଦ୍ଧ୍ୱ ବୌଦ୍ଧ ଧର୍ମାବଲମ୍ବୀ ଯୁବତୀ ଯୁବକ, ସ୍ୱେଚ୍ଛାସେବୀ, ପରିବେଶବିତ୍ ତଥା ସମାଜ ବିଜ୍ଞାନୀ ଯୋଗ ଦେଇଥିଲେ। ପ୍ରେସ୍‌କ୍ଲବ ବାଲିଚନ୍ଦ୍ରପୁର ତରଫରୁ ସଭାପତି ପ୍ରକାଶ ଚନ୍ଦ୍ର ସାମଲ, ବାଲିଚନ୍ଦ୍ରପୁର ଥାନା ପକ୍ଷରୁ ଥାନାଧିକାରୀ ରାକେଶ କୁମାର ତ୍ରିପାଠୀ, ମାହାଙ୍ଗା ଥାନା ପକ୍ଷରୁ ଥାନାଧିକାରୀ ଯୁଗଳ କିଶୋର ଦାସ, ଜାତୀୟ ଯୁବ ପ୍ରକଳ୍ପ ଓଡ଼ିଶା ଶାଖା ଆବାହକ ମଧୁସୂଦନ ଦାସ ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ସେମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ଏଥିସହ ମାହାଙ୍ଗା ବ୍ଲକ ଅନ୍ତର୍ଗତ ଲଳିତଗିରି ଉଚ୍ଚ ବିଦ୍ୟାଳୟ ପରିସରରେ ରାତ୍ରୀଯାପନ ପାଇଁ ବ୍ୟବସ୍ଥା କରାଯାଇଛି। ଶନିବାର ନିକଟସ୍ଥ ଲଳିତଗିରି ବୌଦ୍ଧ କୀର୍ତ୍ତିରାଜୀ ପରିଦର୍ଶନ କରି ପାରାଦୀପ ଗସ୍ତ କରିବେ। ସେଠାରୁ ଫେରି ଲଳିତଗିରି ଉଚ୍ଚ ବିଦ୍ୟାଳୟରେ ରାତ୍ରୀଯାପନ କରି ରବିବାର ବୌଦ୍ଧପୀଠ ଉଦୟଗିରି ଓ ରତ୍ନଗିରିକୁ ପଦଯାତ୍ରା କରିବା ସହ ଶାନ୍ତି ସଦ୍‌ଭାବନାର ବାର୍ତ୍ତା ପ୍ରଚାର କରିବେ ବୋଲି ପେଲ୍ ଦୁପକା ଚାରିଟେବଲ୍ ଟ୍ରଷ୍ଟ ପକ୍ଷରୁ ହିସ୍ ହୋଲିନେସ୍ ଗ୍ୟାଲୱାଙ୍ଗ ଦୃକପା ସୂଚନା ଦେଇଛନ୍ତି।



ଲଳିତଗିରି ପରିଦର୍ଶନ କରିବାକୁ ଆସିଥିବା ବୌଦ୍ଧ ଭିକ୍ଷୁ ।

■ରାତିଅଧିଆ ଚୋରି ହେଉଛି ମୋରମ୍

## ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଅତିରିକ୍ତ ତହସିଲଦାରଙ୍କ ପତ୍ର

ସୁକିନ୍ଦା, ୨୬।୧୦(ଡି.ଏନ୍.ଏ.)

■ବନ୍ଧଗାଁଠାରୁ ମଠଛକ ପର୍ଯ୍ୟନ୍ତ ୫ କି.ମି. ରାସ୍ତା ନିର୍ମାଣ କରାଯାଉଛି

■ ଖଣିଜ ପାଣ୍ଠି ଅନୁଦାନରୁ ୨କୋଟି ୯୦ ଲକ୍ଷ ବ୍ୟୟ ଅଟକଳରେ କରାଯାଉଛି କାମ

■ ସୁକିନ୍ଦା ବିହନ ଫାର୍ମ ଓ ରାଜସ୍ୱ ଜାଗାରୁ ମୋରମ ଚୋରି ହେଉଛି

ସୁକିନ୍ଦା ବ୍ଲକ ଅନ୍ତର୍ଗତ ମଠ ଛକଠାରୁ ବନ୍ଧଗାଁ ରାସ୍ତା ନିର୍ମାଣରେ ବ୍ୟାପକ ଭାବରେ ଚୋରା ମୋରମ ବ୍ୟବହାର କରାଯାଉଛି। ଫଳରେ ଲକ୍ଷାଧିକ ଟଙ୍କାର ରାଜସ୍ୱ ହାନୀ ହେଉଛି। ଏ ନେଇ ସୁକିନ୍ଦା ଭାରପ୍ରାପ୍ତ ତହସିଲଦାର ଅସିତ୍ ମହାନ୍ତି ବୁଧବାର ଓ ଗୁରୁବାର ଘଟଣାସ୍ଥଳ ପରିଦର୍ଶନ କରି ଗ୍ରାମ୍ୟ ଉନ୍ନୟନ ବିଭାଗକୁ ପତ୍ର ମାଧ୍ୟମରେ ଅବଗତ କରିଥିବା ଜଣାପଡିଛି। ତେବେ ପୂର୍ବରୁ ସମ୍ପୃକ୍ତ ଠିକାଦାରଙ୍କୁ ଜରିମାନା ମଧ ଆଦାୟ କରାଯାଇଥିଲା। ସୁକିନ୍ଦା ବ୍ଲକର ବନ୍ଧଗାଁଠାରୁ ମଠଛକ ପର୍ଯ୍ୟନ୍ତ ୫ କିଲୋମିଟର ରାସ୍ତା ନିର୍ମାଣ କରାଯାଉଛି। ରାସ୍ତା ନିର୍ମାଣ ପାଇଁ ଠିକାଦାର ବେଆଇନଭାବେ ମୋରମ ଚାଲାଣ କରି ରାସ୍ତାକାମ କରୁଥିବା ବଉଳପାଳ ଓ ଇଚ୍ଛାପୁର ଗ୍ରାମବାସୀ ଅଭିଯୋଗ କରିଥିଲେ। ଏହି ତହସିଲ ଅଧୀନରେ ଥିବା ବୋଉଳପାଳ ଓ ଇଚ୍ଛାପୁର ଗ୍ରାମର ମଝିରେ ଥିବା ବିହନ କେନ୍ଦ୍ର ପଡ଼ିଆରୁ ଠିକାଦାର ମେଶିନ୍ ସାହାଯ୍ୟରେ ଶହଶହ ଟ୍ରିପ୍ ମୋରମ ଉଠାଉଛି। ଏ ନେଇ ଗ୍ରାମବାସୀ ଗତ ଶନିବାର ତହସିଲଦାରଙ୍କୁ ଫୋନ୍ ଯୋଗେ ଗ୍ରାମବାସୀ ଖବର ଦେଇଥିଲେ। ହେଲେ ତହସିଲଦାର ରାବଣପୋଡି ହେଉଥିବାରୁ ଘଟଣାସ୍ଥଳକୁ ଆସି ପାରି ନ ଥିଲେ। ବୁଧବାର ଓ ଗୁରୁବାର ଅତିରିକ୍ତ ତହସିଲଦାର ଘଟଣାସ୍ଥଳ ବୁଲି ପରିଦର୍ଶନ କରିଥିଲେ। ଏ ନେଇ ଅତିରିକ୍ତ ତହସିଲଦାର ତଦନ୍ତ କରି ଘଟଣା ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ପତ୍ର ମାଧ୍ୟରେ ଜଣାଇଥିବା ଜଣାପଡିଛି। ଖଣିଜ ପାଣ୍ଠି ଅନୁଦାନରୁ ୨କୋଟି ୯୦ ଲକ୍ଷ ବିନିଯୋଗରେ ଗ୍ରାମ ଉନ୍ନୟନ ବିଭାଗ ଅଧୀନରେ ନିର୍ମିତ ଉକ୍ତ ରାସ୍ତା କାମ ବିନା ସୂଚନା ଫଳକରେ ଯୁଦ୍ଧ କାଳୀନ ଭିତ୍ତିରେ କରାଯାଉଛି। ଏହି ରାସ୍ତାର ସବ୍‌ବେସ୍ ନିର୍ମାଣ ପାଇଁ ରାସ୍ତାର ଉଭୟ ପାର୍ଶ୍ୱ ମାଟି ଖୋଳା ଯାଉଛି। ଉକ୍ତ ସ୍ଥାନରେ ନିମ୍ନମାନର ମୋରମ ପକାଇ ରାସ୍ତା ଓସାର କରାଯାଉଛି। ନିୟମିତଭାବେ ସମ୍ପୃକ୍ତ ଠିକାଦାର ବିଳମ୍ବିତ ରାତିରେ ସୁକିନ୍ଦା ବିହନ ଫାର୍ମ ଓ ରାଜସ୍ୱ ଜାଗାରୁ ଲକ୍ଷ ଲକ୍ଷ ଟଙ୍କାର ମୋରମ ଚୋରି କରୁଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗର ସୁକିନ୍ଦା ସେକ୍ସନ ଜେଇ ପୁରୁଷୋତ୍ତମ ଗଡନାୟକଙ୍କୁ ଏ ସମ୍ପର୍କରେ ପଚାରିବାରୁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଟେଣ୍ଡର ପ୍ରକ୍ରିୟା କରାଯାଇ ଠିକାଦାରଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ମୋରମଠାରୁ ଆରମ୍ଭ କରି ଅନ୍ୟାନ୍ୟ ସାମଗ୍ରୀ କେଉଁଠାରୁ ଆଣିବେ ତାହା ଠିକାଦାରଙ୍କ ଉପରେ ନିର୍ଭର କରିଥାଏ। ତେବେ ଯଦି ଠିକାଦାର ବେଆଇନଭାବେ ମୋରମ ଆଣି ରାସ୍ତାକାମରେ ଲଗାଉଛନ୍ତି ତେବେ ରାଜସ୍ୱ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ ବୋଲି ସେ କହିଥିଲେ। ସମ୍ପୃକ୍ତ ଠିକାଦାରଙ୍କୁ ପୂର୍ବରୁ ଏହିପରି ଏକ ମାମଲାରେ ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଥିବା ସୁକିନ୍ଦା ରାଜସ୍ୱ ନିରୀକ୍ଷକ ବାଇଧର ଯତି କହିଛନ୍ତି। ଏହି ରାସ୍ତାର କଂକ୍ରିଟଠାରୁ ମେଟାଲିଂ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଅତି ନିମ୍ନମାନର କରାଯାଉଥିବା ବନ୍ଧଗାଁ, ବଉଳପାଳ, ମୁଣ୍ଡାସାହି, ଇଚ୍ଛାପୁର ଗ୍ରାମବାସୀ ବାରମ୍ବାର ଅଭିଯୋଗ କରି ଆସୁଛନ୍ତି।



ଯିଏ ଦୋଷ କରିଥାଏ ତା' ମନ ଭିତରେ ଗୁଡ଼ାଏ କଙ୍କଡ଼ାବିଛା ଚାଲୁଥାନ୍ତି।

- ୱିଲିୟମ ସେକ୍ସପିୟର



## ସଂକ୍ଷେପରେ

### କଲେଜକୁ କ୍ୟାଶ୍ କାଉଣ୍ଟ ମେଶିନ ପ୍ରଦାନ

ବାଲିକୁଦା,୨୬।୧୦(ସ୍ୱ.ପ୍ର.): ବାଲିକୁଦା ମହାବିଦ୍ୟାଳୟକୁ ଶୁକ୍ରବାର ସିଣ୍ଡିକେଟ୍ ବ୍ୟାଙ୍କ ପରାହାଟ ଶାଖା ପକ୍ଷରୁ ଏକ କ୍ୟାସ୍ କାଉଣ୍ଟ ମେଶିନ ପ୍ରଦାନ କରାଯାଇଛି। ଉକ୍ତ ବ୍ୟାଙ୍କ ଶାଖା ପ୍ରବନ୍ଧକ ରାମେଶ୍ୱର ବେହେରା କଲେଜକୁ ଯାଇ ଅଧକ୍ଷ ଡ. ଅକ୍ଷୟ କୁମାର ପାତ୍ରଙ୍କୁ ଏହି ମେଶିନ ପ୍ରଦାନ କରିଥିଲେ। ମେଶିନର ବ୍ୟବହାର ସମ୍ପର୍କରେ ବ୍ୟାଙ୍କର କିରାଣି ଦେବବ୍ରତ ଦାସ, ଆଟେଣ୍ଡାଣ୍ଟ ଅବ୍‌ଦୁଲ ହାକିମ୍ ଖାଁ ତାଲିମ ଦେଇଥିଲେ। ଏହି ମେଶିନ ଦ୍ୱାରା କଲେଜର ବିଭିନ୍ନ ବାବଦକୁ ଆଦାୟ ହେଉଥିବା ଟଙ୍କା ଗଣିବାକୁ ସହଜ ହେବ ବୋଲି ଆକାଉଣ୍ଟ ସେକ୍ସନ ପକ୍ଷରୁ କୁହାଯାଇଛି। ଅଧାପକ ବିନୋଦ ବିହାରୀ ବେହୁରା, କୃଷ୍ଣପ୍ରସାଦ ମହାନ୍ତି, ଜ୍ୟୋତିର୍ମୟ ମଲ୍ଲିକ, ରଞ୍ଜିତ ରାଉତ, ନଳିନୀ ମହାପାତ୍ର, ପ୍ରହଲ୍ଲାଦ କୁଣ୍ଡୁ, ନିହାର ରାଉତରାୟ, ପ୍ରଦୀପ୍ତ ମିଶ୍ର, ପ୍ରଦୀପ ଶତପଥୀ, ମୁଖ୍ୟ କିରାଣି କୈଳାସ ପରିଡା, ବରିଷ୍ଠ କିରାଣି ଅନିରୁଦ୍ଧ ସାହୁ, ଦିଲୀପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ମାଙ୍କଡ଼ ସହ ପିଟିହୋଇ ବାଇକ ଚାଳକ ଗୁରୁତର



ବାଲିଆ,୨୬।୧୦: କଟକରୁ ଜଗତ୍‌ସିଂହପୁର ଅଭିମୁଖେ ଯାଉଥିବା ଜଣେ ବାଇକ୍ ଚାଳକ ଏକ ମାଙ୍କଡ଼ ସହ ପିଟି ହୋଇ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ କଟକ ସିଡିଏ ଅଞ୍ଚଳର ବାପି ରଥ(୪୨)। ଚିକିତ୍ସା ନିମନ୍ତେ ତାଙ୍କୁ ବିରିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ବାପି ଶୁକ୍ରବାର ସକାଳ ୮ଟାରେ କଟକ-ମାଛଗାଁ ୫୫ନଂ. ଜାତୀୟ ରାଜପଥରେ ବାଇକରେ ଯାଉଥିବାବେଳେ ବଗୁଲା ଛକଠାରେ ମାଙ୍କଡଟି ରାସ୍ତା ପାରହେବାକୁ ଯାଇ ତାଙ୍କ ସହ ପିଟି ହୋଇଯାଇଥିଲା। ଏଥିରେ ବାପିଙ୍କ ହାତ, ଗୋଡ଼ ଓ ଆଖିପତାରେ କ୍ଷତ ସୃଷ୍ଟି ହୋଇଛି। ବିରିଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ପରିବାର ଲୋକେ ଆସି ତାଙ୍କୁ କଟକ ନେଇଯାଇଛନ୍ତି।

### ଫେରାର ଅଭିଯୁକ୍ତ ଗିରଫ

ବାଲିକୁଦା,୨୬।୧୦(ସ୍ୱ.ପ୍ର.): ବାଲିକୁଦା ପୋଲିସ ଗୁରୁବାର ରାତିରେ ଜଣେ ଫେରାର ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଗରାମ ପଞ୍ଚାୟତ ଚଉଁରପୁର ଗ୍ରାମର ସନାତନ ରାଉତ ଓରଫ ଭୋଇ। ସନାତନଙ୍କ ନାମରେ ୨୦୧୧ରେ ସମ୍ବଲପୁର ଏସଡିଜେଏମ୍ କୋର୍ଟରେ ଏକ ମାମଲା ନଂ.୯୧/୧୧ ରୁଜୁ ହୋଇଥିଲା। ସେହି ମାମଲା ଅନୁଯାୟୀ ତାଙ୍କ ବିରୋଧରେ ୱାରେଣ୍ଟ ଜାରି କରାଯାଇଥିଲା। ତାଙ୍କୁ ଗିରଫ କରିବାକୁ ବାଲିକୁଦା ଥାନାକୁ ନିର୍ଦ୍ଦେଶ ଆସିଥିଲା। ବାଲିକୁଦା ଥାନା ଏଏସଆଇ ଯୋଗେନ୍ଦ୍ର ଚୌଧୁରୀ ସଦଳବଳ ଚଢାଉ କରି ସନାତନଙ୍କୁ ଗିରଫ କରିଥିଲେ। ତାଙ୍କୁ ବାଲିକୁଦା ଏକ୍‌ଜେକୁଟିଭ୍ ମାଜିଷ୍ଟ୍ରେଟ୍‌ଙ୍କ କୋର୍ଟରେ ହାଜର କରାଯାଇଥିଲା।

### ବ୍ଲକସ୍ତରୀୟ ସୁରଭି

ବାଲିକୁଦା,୨୬।୧୦(ସ୍ୱ.ପ୍ର.): ବାଲିକୁଦା ବ୍ଲକ ଆମ୍ବଶାଳ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଏଥିରେ ବ୍ଲକ ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ସାହୁ ଅଧକ୍ଷତା କରିଥିଲେ। ଏବିଡିଓ ଅଜୟ କୁମାର ବେହେରା ମୁଖ୍ୟଅତିଥି, ବ୍ଲକ ମଙ୍ଗଳ ଅଧିକାରୀ ପ୍ରମୋଦ କୁମାର ବିଶ୍ୱାଳ ମୁଖ୍ୟବକ୍ତା, ବିଆରସିସି ରାଜକିଶୋର ବେହୁରା, ଏବିଇଓ ଦୁଷ୍ମନ୍ତ ନାୟକ, ଆମ୍ବଶାଳ ନୋଡ଼ାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ବିଶ୍ୱାଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସିଆରସିସି ଫନିନ୍ଦ୍ର ଶତପଥୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସନ୍ତୋଷ ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ। ଚନ୍ଦ୍ରଶେଖର ଶତପଥୀ ଧନ୍ୟବାଦ ଦେଇଥିଲେ। ଏଥିରେ ବିଭିନ୍ନ ବିଭାଗରେ ପିଲାମାନଙ୍କ ମଧ୍ୟରେ ପ୍ରତିଯୋଗିତା କରାଯାଇଥିଲା। ପ୍ରତ୍ୟେକ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀଙ୍କୁ ଜିଲାସ୍ତରୀୟ ସୁରଭିକୁ ମନୋନିତ କରାଯାଇଥିଲା। ସିଆରସିସି ମାନସ ବାରିକ, ବିଜୟ ସ୍ୱାଇଁ, ବସନ୍ତ ମଲ୍ଲିକ, ଗୋପୀନାଥ ସ୍ୱାଇଁ, ରମାକାନ୍ତ ବାରିକ, ରମେଶ ପରିଡା, ପ୍ରିୟଜିତ୍ ବିଶ୍ୱାଳ, ପ୍ରଫୁଲ ବେହେରା, ଅଭିଳାଷ ତରାଇ, ଦେବେନ୍ଦ୍ର ରଥ, ଶିକ୍ଷକ ନେତା ସରୋଜକାନ୍ତ ସ୍ୱାଇଁ, ଦୁର୍ଗାଚରଣ ଦାସ, ସୁଶ୍ରୀ ସ୍ମିତା ଦାସ, ଦେବେନ୍ଦ୍ର ସ୍ୱାଇଁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

■ ଏଲ୍‌ପିଜି ବ୍ୟବସ୍ଥାରେ ଘରୋଇ ସଂସ୍ଥାକୁ ଅନୁକମ୍ପା

# ରାଜସ୍ୱ ହରାଉଛି ବନ୍ଦର

■ କ୍ରାନ୍ତିସେନାର ଅଭିଯୋଗ, ଭିଜିଲାନ୍ସ ତଦନ୍ତ ଦାବି

■ ଟ୍ରଷ୍ଟ ବୋର୍ଡରେ ବର୍ଦ୍ଧିତ ଜାଗାକୁ ବିରୋଧ

ପାରାଦୀପ,୨୬।୧୦(ସ୍ୱ.ପ୍ର.)

ଦେଶରେ ୧୯୯୧ରୁ ଏଲପିଜି ଅର୍ଥାତ୍ ଉଦାରୀକରଣ, ଘରୋଇକରଣ ଓ ଜଗତୀକରଣ ବ୍ୟବସ୍ଥା ଚାଲିଛି। ଏହି ବ୍ୟବସ୍ଥାରେ ସରକାର ପୁଞ୍ଜିପତିଙ୍କୁ ସୁହାଇବା ଭଳି ସମସ୍ତ ସୁବିଧା କରିଛନ୍ତି। ଫଳରେ ପ୍ରତ୍ୟେକ ସରକାରୀ ସଂସ୍ଥାରେ ନୂତନ ନିଯୁକ୍ତି ବ୍ୟବସ୍ଥା ଆଉ ନାହିଁ କହିଲେ ଚଳେ। ସେହି ସ୍ଥାନରେ ଠିକା ଶ୍ରମିକ ସ୍ୱଳ୍ପ ମୂଲ୍ୟରେ କାମ କରୁଛନ୍ତି। ସରକାର ମଧ୍ୟ ରାଜସ୍ୱ ହରାଉଛନ୍ତି। ଏଭଳି ଏକ ଦୃଷ୍ଟାନ୍ତ ଏବେ ପାରାଦୀପ ବନ୍ଦରରେ ଦେଖିବାକୁ ମିଳିଛି। ଏକ ନିର୍ଦ୍ଦିଷ୍ଟ କମ୍ପାନୀ ପାରାଦୀପ ଇଣ୍ଟରନ୍ୟାଶନାଲ କାର୍ଗୋ ଟର୍ମିନାଲ (ପିଆଇସିଟି)କୁ ସରକାର ୩୦ ବର୍ଷ ପାଇଁ ଏକ ବର୍ଥ ଦେଇଛନ୍ତି। ଉକ୍ତ ବର୍ଥରେ ଲାଗୁଥିବା ଜାହାଜର ପଣ୍ୟ କାରବାର ମୂଲ୍ୟରେ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରାଯାଉଥିବା ଅଭିଯୋଗ ହୋଇଛି। କୁଜଙ୍ଗ ଅଞ୍ଚଳର କ୍ରାନ୍ତିସେନା ନାମକ ଏକ ସଂଗଠନ ଏ ପ୍ରସଙ୍ଗରେ ତଦନ୍ତ କରିବା ପାଇଁ ସିଭିସି (ସେଣ୍ଟ୍ରାଲ ଭିଜିଲାନ୍ସ କମିଶନ)ଙ୍କ ଉଦ୍ଦେଶ୍ୟରେ ବନ୍ଦର କର୍ତ୍ତୃପକ୍ଷଙ୍କୁ ଦାବିପତ୍ର ଦେଇଛି। ଏଥିରେ ଦର୍ଶାଯାଇଛି ଯେ ପାରାଦୀପ ବନ୍ଦରରେ ଜାହାଜରେ ପଣ୍ୟ କାରବାର ପାଇଁ ଏବେ ମେଟ୍ରିକ ଟନ୍ ପିଛା ୧୮୨.୮୧ ଟଙ୍କା ଦେବାକୁ ପଡୁଛି। ସେଥିରୁ ହାରଫେଜ ଚାର୍ଜ ୫୨.୭୬ ଟଙ୍କା, ବର୍ଥ ଚାର୍ଜ ୨୯.୫୦, ସୋର୍ ଇନ୍‌ସେନ୍‌ଟିଭ ୧.୩୦, ରେଲୱେ ହଲ୍ଲ ୪୨.୯୬, ରେଲୱେ ଟର୍ମିନାଲ ୨୭.୨୯, ରେଲୱେ ସାଇଡିଂ ଚାର୍ଜ ୪.୦୦, ବର୍ଥ ହାୟର ଚାର୍ଜ ୨୫.୦୦ ଟଙ୍କା ରହିଛି। ଏ କ୍ଷେତ୍ରରେ ପିଆଇସିଟି କମ୍ପାନୀର ସମୁଦାୟ ମୂଲ୍ୟ ରହିଛି ୬୯.୨୪ ଟଙ୍କା। ଏହି ବ୍ୟବସ୍ଥାରେ ପ୍ରତି ମେଟ୍ରିକ ଟନ୍‌ରେ ୧୧୩.୫୬ ଟଙ୍କା ପ୍ରଭେଦ ରହିଛି। ଅନ୍ୟ ଏକ ପ୍ରସଙ୍ଗ ହେଲା ମେକାନାଇଜ୍ ଇକ୍ୟୁ ବର୍ଥରେ ରପ୍ତାନୀ ଥର୍ମାଲ କୋଲ ପାଇଁ ରିହାତି ମୂଳକ ବ୍ୟବସ୍ଥାରେ ଜେ.ଭି/ଜେଏସ୍‌ଡବ୍ଲ୍ୟୁ ଇନ୍‌ଫ୍ରାଷ୍ଟ୍ରକ୍‌ଚର ଲିମିଟେଡ୍ ସାଉଥ୍ ୱେଷ୍ଟ ପୋର୍ଟ ଲିମିଟେଡ୍ କାମ କରୁଛି। ପାରାଦୀପ ଇଷ୍ଟ କ୍ୱେ କୋଲ ଟର୍ମିନାଲ ବର୍ଥ ପାଇଁ ୪ଜଣ ବିଡ଼ର ଥିଲେ। ଉକ୍ତ ବର୍ଥର ରାଜସ୍ୱ ୩୧.୭୦ ହିସାବରେ ପ୍ରକଳ୍ପ ମୂଲ୍ୟ ପ୍ରାୟ ୧୪୧୨.୭୬ କୋଟି ଟଙ୍କା ଦର୍ଶାଯାଇଛି। ସେହିପରି କୋଲ ବର୍ଥ ପାଇଁ କଳିଙ୍ଗ ଇଣ୍ଟରନ୍ୟାଶନାଲ କୋଲ ଟର୍ମିନାଲର ୭ ବିଡର ଥାଇ ୩୬.୫୩ ହିସାବରେ ପ୍ରକଳ୍ପ ମୂଲ୍ୟ ପ୍ରାୟ ୩୮୫.୩୧ କୋଟି ଟଙ୍କା ରହିଛି। କିନ୍ତୁ ପିଆଇସିଟି କ୍ଷେତ୍ରରେ ଜଣେ ମାତ୍ର ବିଡର ଥାଇ ସ୍ୱତନ୍ତ୍ର ଭାବେ ମାତ୍ର ୧୧.୪୪ ହିସାବରେ ୩୫୬.୫୪ କୋଟି ଟଙ୍କା ରହିଛି।

ଏଠାରେ ସୂଚନାଯୋଗ୍ୟ, ୨୦୧୫ ମାର୍ଚ୍ଚ ୭ରେ ପିଆଇସିଟି ଓ ପିପିଟି ମଧ୍ୟରେ କନସେଶନ ଏଗ୍ରିମେଣ୍ଟ ହୋଇଥିଲା। ସେତେବେଳେ କୁହାଯାଇଥିଲା ଯେ ୪୩୦.୭୮କୋଟି ଟଙ୍କା ବ୍ୟୟ ଅଟକଳରେ ଏବଂ ୩ ବର୍ଷ ମଧ୍ୟରେ ଏହି କ୍ଲିନ୍ କାର୍ଗୋ ବର୍ଥ୍‌ ହେବ। ବିଓଟି (ବିଲ୍ଡ ଅପରେଟ୍ ଟ୍ରାନ୍ସଫର୍ମର) ବ୍ୟବସ୍ଥାରେ ୩୦ବର୍ଷ ପାଇଁ ଜେଏମ୍ ବକ୍ସି ଗ୍ରୁପ୍‌ର ପିଆଇସିଟି ଏହା ପରିଚାଳନା କରିବ। ବାର୍ଷିକ ୫ ମିଲିୟନ ଟନ୍ କାର୍ଗୋ ଏହି ସ୍ୱତନ୍ତ୍ର ବର୍ଥରେ କାରବାର ହେବ। ଧାର୍ଯ୍ୟ ସମୟ ମଧ୍ୟରେ ପ୍ରକଳ୍ପ ସରିବା ସହ ଏବେ ପୂର୍ଣ୍ଣମାତ୍ରାରେ ପିଆଇସିଟିରେ ବ୍ୟବସାୟ ଚାଲିଛି। ବନ୍ଦର ପୁରୁଣା ବର୍ଥରେ ପୂର୍ବରୁ ଲାଗୁଥିବା ଜାହାଜକୁ ଏବେ ଡାଇଭର୍ଟ କରାଯାଇ ପିଆଇସିଟିକୁ ଯାଉଛି। ଏହି ବ୍ୟବସ୍ଥାରେ ବନ୍ଦର ରାଜସ୍ୱ ହ୍ରାସ ପାଉଛି ବୋଲି କ୍ରାନ୍ତି ସେନାର ସମ୍ପାଦକ ବିଶ୍ୱରଞ୍ଜନ ସ୍ୱାଇଁ ଅଭିଯୋଗ କରିଛନ୍ତି। ଉକ୍ତ ପ୍ରକଳ୍ପକୁ ସେତେବେଳେ ୧ଲକ୍ଷ ୩୦୦୦ ବର୍ଗଫୁଟ ଜାଗା ଦିଆଯାଇଥିଲା। ଏବେ ପୁଣି ୮.୬୩ ଏକର ଜାଗା ଦେବା ପାଇଁ ସମ୍ପୃକ୍ତ କମ୍ପାନୀ ଆବେଦନ କରିଥିଲା। ଶୁକ୍ରବାର ଅନୁଷ୍ଠିତ ଟ୍ରଷ୍ଟ ବୋର୍ଡ ବୈଠକରେ ଏହା ପାରିତ ହୋଇଥିଲେ କମ୍ପାନୀକୁ ଜାଗା ୩୦ବର୍ଷ ପାଇଁ ମିଳିଥାନ୍ତା। କିନ୍ତୁ ଏହି ଆବେଦନ ଉପରେ ଲେବର ଟ୍ରଷ୍ଟି ପରେଶ ମୁର୍ମୁ ଆପତ୍ତି ଉଠାଇଛନ୍ତି। ସେ କହିଛନ୍ତି ଏବେ ଜାହାଜ ପିଆଇସିଟିକୁ ସ୍ଥାନାନ୍ତର କରାଯିବା ଯୋଗୁ ବନ୍ଦର ଶ୍ରମିକ କାମ ହରାଇଛନ୍ତି। ପ୍ରଥମେ ଶ୍ରମିକଙ୍କ ଥଇଥାନ ବ୍ୟବସ୍ଥା ହେବା ପରେ ଯାଇ ସମ୍ପ୍ରସାରଣ ଜାଗା ବିଷୟରେ ଆଲୋଚନା ହେବ। ସମ୍ପୃକ୍ତ କମ୍ପାନୀକୁ କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରାଳୟର କେତେଜଣ ଅଧିକାରୀ ଓ ରାଜନେତାଙ୍କ ସମେତ ରାଜ୍ୟ ସରକାରଙ୍କ ୩ ମନ୍ତ୍ରୀ ଓ ବିଧାୟକ ସୁରକ୍ଷା ଯୋଗାଉଥିବା ଚର୍ଚ୍ଚା ହେଉଛି।




କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟନ ଉତ୍ସବରେ ଉପସ୍ଥିତ ଅତିଥି।

## ମଣ୍ଡଳସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

ବିରିଡ଼ି,୨୬।୧୦(ଡି.ଏନ.ଏ)

ବିରିଡ଼ି ମଣ୍ଡଳସ୍ତରୀୟ ବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା ଶୁକ୍ରବାର କିଶୋରନଗରସ୍ଥିତ ଚିନ୍ତାମଣୀ ବିଦ୍ୟାପୀଠ ଖେଳପଡିଆରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ବ୍ଲକ ସହକାରୀ ଶିକ୍ଷା ଅଧିକାରୀ ବିଜୟ କୁମାର ଦ୍ୱିବେଦୀ ମୁଖ୍ୟ ଅତିଥି ଓ ପ୍ରଧାନ ଶିକ୍ଷୟିତ୍ରୀ ସଜନୀ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ କ୍ରୀଡ଼ା ଶିକ୍ଷକ ଏସ. କଲିମ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଦୁଇଦିନିଆ କ୍ରୀଡ଼ା ପ୍ରତିଯୋଗିତାରେ ୨୭ ବିଦ୍ୟାଳୟର ୧୫୪ ବାଳିକା ଓ ବାଳକ କବାଡି, ଦୌଡ଼କୁଦ, କ୍ରିକେଟ, ଭଲିବଲ, ବ୍ୟାଡ଼ମିଣ୍ଟନ ଓ ଥ୍ରୋବଲ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସୁକାନ୍ତ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କ୍ରୀଡ଼ା ଶିକ୍ଷକ ସୁଧାଂଶୁ ଶେଖର ରାମ, ନନ୍ଦ କୁମାର ଜେନା, ପବିତ୍ର ଗୋଛାୟତ, ଫିରୋଜ ଖାନ, ସଦାଶିବ ସ୍ୱାଇଁ, ସୁବାସ ଚନ୍ଦ୍ର ସାହୁ, ହୃଷିକେଶ ମହାନ୍ତି, ମହମ୍ମଦ ରଏବର, ମଙ୍ଗରାଜ ସାହୁ, ଶଶିକଳା ବେହେରା, ଶାନ୍ତିଲତା ସୁନ୍ଦରରାୟ, ପିତାମ୍ବର ବାରିକ ଓ ଜିତେନ୍ଦ୍ର ମହାନ୍ତି ପ୍ରମୁଖ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ।

## ସାପ କାମୁଡ଼ାରେ ଜଣେ ମୃତ

ବାଲିକୁଦା,୨୬।୧୦(ସ୍ୱ.ପ୍ର.)

ସାପ କାମୁଡ଼ାରେ ଶୁକ୍ରବାର ଜଣଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏରସମା ଥାନା ନାରଦିଆ ପଞ୍ଚାୟତ ଅଧୀନ ପଞ୍ଚପଲ୍ଲୀ ଟିକରପଡା ଗାଁର ଧ୍ରୁବ ଚରଣ ମହାନ୍ତି। ସକାଳେ ସେ ଧାନ ବିଲ ଦେଖିବାକୁ ଯାଇଥିଲେ। ବିଲ ହିଡ଼ରେ ହୋଇଥିବା ଘାସ କାଟିବା ସମୟରେ ତାଙ୍କୁ ଏକ ବିଷଧର ସାପ କାମୁଡି ଦେଇଥିଲା। ସଙ୍ଗେ ସଙ୍ଗେ ଧ୍ରୁବ ଘରକୁ ଆସି ପରିବାର ଲୋକଙ୍କୁ କହିଥିଲେ। ତାଙ୍କୁ ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିବା ବେଳେ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷକ ଡା. ଅଜୟ କୁମାର ସ୍ୱାଇଁ ମୃତ ଘୋଷଣା କରିଥିଲେ।

ପୋଡ଼ିଯାଇଛି ଉପଡାକଘର କମ୍ପ୍ୟୁଟର

## ହୋଇପାରୁନି ଆଧାର ଫଟୋ ଉଠା

ତିର୍ତ୍ତୋଲ,୨୬।୧୦(ଡି.ଏନ.ଏ.)

ତିର୍ତ୍ତୋଲ ଉପଡାକଘରେ ଥିବା କମ୍ପ୍ୟୁଟର ସିଷ୍ଟମ ଶର୍ଟ ସର୍କିଟରୁ ପୋଡ଼ିଯାଇଛି। ଦୀର୍ଘ ୧୫ ଦିନ ହେଲା କମ୍ପ୍ୟୁଟରଗୁଡିକ ଠିକ୍ କରାଯାଇ ନ ଥିବାରୁ ଗ୍ରାହକ ସେବା ସମ୍ପୂର୍ଣ୍ଣ ବ୍ୟାହତ ହୋଇପଡିଛି। ଫଳରେ ଡାକଘରକୁ ଆସୁଥିବା ଗ୍ରାହକ ଟଙ୍କା ଉଠାଣ ଓ ଜମା ଆଦି କାର୍ଯ୍ୟ କରିପାରୁନାହାନ୍ତି। ବିଶେଷ କରି ଏଠାରେ ତିର୍ତ୍ତୋଲ ତହସିଲ ଅଧୀନ ପଞ୍ଚାୟତବାସୀଙ୍କ ଆଧାର କାର୍ଡ ଫଟୋ ଉଠାକାର୍ଯ୍ୟ ପ୍ରଭାବିତ ହେଉଛି। ଲୋକମାନେ ଅଧାର କାର୍ଡ ଫଟୋ ଉଠାଇବାକୁ ଆସି ନିରାଶ ହୋଇ ଫେରୁଛନ୍ତି। ସେହିପରି ପୋଷ୍ଟାଲ ଇନ୍‌ସ୍ୟୁରାନ୍ସ, ଗ୍ରାମାଞ୍ଚଳ ପୋଷ୍ଟାଲ ଇନ୍‌ସ୍ୟୁରାନ୍ସ ଆଦି ସେବା ଠପ ହୋଇଯାଇଛି। ବିଭିନ୍ନ ସରକାରୀ ଯୋଜନା ପାଇଁ ଆଧାର କାର୍ଡ ଜରୁରୀ ଥିବାବେଳେ ଦୀର୍ଘଦୀନ ଧରି କମ୍ପ୍ୟୁଟର ଅଚଳ ହେବା ସେମାନଙ୍କୁ ଚିନ୍ତାରେ ପକାଇଛି। ଏ ସମ୍ପର୍କରେ ତିର୍ତ୍ତୋଲ ଉପଡାକଘର ପୋଷ୍ଟମାଷ୍ଟର ବୀର ସିଂହ ଗୁଇୟାଙ୍କୁ ପଚାରିବାରୁ ସେ କହିଲେ ଯେ ଏସମ୍ପର୍କରେ ବିଭାଗୀୟ କଟକ ଡିଭିଜନକୁ ଅବଗତ କରାଇଥିଲି। କଟକ ଡିଭିଜନ ପକ୍ଷରୁ ଦୁଇ ତିନି ଥର ତିର୍ତ୍ତୋଲ ଉପଡାକଘରକୁ ଆସି କମ୍ପ୍ୟୁଟର ଯାଞ୍ଚ କରାଯାଇଛି। ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।



ରଘୁନାଥପୁର ବ୍ଲକ ଗୋଠିଣାରେ ଗଜଲକ୍ଷ୍ମୀ ପୂଜା।



ରାହାମା ବାଣେଶ୍ୱରରେ ଗଜଲକ୍ଷ୍ମୀଙ୍କ ପୂଜା ମଣ୍ଡପ।

# ଶିକ୍ଷା ହେଉଛି ସଭ୍ୟତାର ମାନଦଣ୍ଡ

ବିରିଡ଼ି,(ଡି.ଏନ୍.ଏ.)/ବାଲିଆ,୨୬।୧୦

ବିରିଡ଼ି ବ୍ଲକ ଅଢଙ୍ଗ ଗଡ଼ (ନାଇଲୋ) ସ୍ଥିତ ଯଶୋବନ୍ତ ବିଦ୍ୟାପୀଠରେ ଶୁକ୍ରବାର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଉଦ୍‌ଯାପିତ ହୋଇଯାଇଛି। ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ତଥା ବିଆରସିସି କନକଲତା ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ସିଆରସିସି କେଦାରେଶ୍ୱର ରାଉତ ସଞ୍ଚାଳନା କରିଥିଲେ। ପୂର୍ବାହ୍ନରେ ଅନୁଷ୍ଠିତ ଉଦ୍‌ଘାଟନ ଉତ୍ସବରେ ତିର୍ତ୍ତୋଲ ବିଧାୟିକା ଡା. ରାଜଶ୍ରୀ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଲେ ଯେ ଶିକ୍ଷା ହେଉଛି ସଭ୍ୟତାର ମାନଦଣ୍ଡ। ପିଲାମାନେ ନିଜ ସ୍ୱପ୍ନ ସାକାର କରିବାକୁ ହେଲେ ଦୃଢ ଇଚ୍ଛାଶକ୍ତି ରଖିବା ଉଚିତ। ଏବିଡିଓ ଗିରିଜା ପ୍ରସାଦ ବାରିକ,




ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ବ୍ଲକ ଶିକ୍ଷା ଅଧିକାରୀ ସଚିନ୍ଦ୍ରନାଥ ମହାନ୍ତି, ଅତିରିକ୍ତ ଶିକ୍ଷା ଅଧିକାରୀ ସଚିଦାନନ୍ଦ ବେହେରା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଶିଶୁ ମହୋତ୍ସବ ସୁରଭି ସମ୍ପର୍କରେ ଆଲୋକପାତ କରିଥିଲେ। ଶୈଳବାଳା ରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଭିନ୍ନ ବିଦ୍ୟାଳୟର ୩ ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇ ପ୍ରତିଯୋଗିତାରେ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ୨୧ ପ୍ରତିଯୋଗୀ ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମକୁ ମନୋନିତ ହୋଇଥିଲେ। ଅପରାହ୍ନରେ ବିଆରସିସି ଦାଶଙ୍କ ସଭାପତିତ୍ୱରେ ଉଦ୍‌ଯାପନ ଉତ୍ସବ ହୋଇଥିଲା। ଏଥିରେ ବ୍ଲକ ଅଧକ୍ଷ ପଦ୍ମନାଭ ଭୋଇ ମୁଖ୍ୟଅତିଥି, ବ୍ଲକ ଶିକ୍ଷା ଅଧିକାରୀ ମହାନ୍ତି ଓ ଅତିରିକ୍ତ ଶିକ୍ଷା ଅଧିକାରୀ ବେହେରା ଉପସ୍ଥିତ ରହି କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ବିଚାରକ ଭାବେ ସୟଦ ଆଜାଦ ରଜାଇ, କେଶବ ଚନ୍ଦ୍ର ଜେନା, ପ୍ରିୟତମା ସାହୁ, ସତ୍ୟଭାମା ବେହେରା, ପ୍ରଦ୍ୟୁମ୍ନ ବେହେରା, ବିନୋଦୀନି ପଣ୍ଡା, କିରଣବାଳା ପ୍ରଧାନ ଦାୟିତ୍ୱ ନିର୍ବାହ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମର ବିଚାରକ ଭାବେ ସ୍ୱରପ ରଞ୍ଜନ ସ୍ୱାଇଁ, ଲଳିତା ଲାବନ୍ୟମୟୀ ବିଶ୍ୱାଳ, ରଶ୍ମୀ ରଞ୍ଜନ ଦାସ ପ୍ରମୁଖ କାର୍ଯ୍ୟ ତୁଲାଇଥିଲେ। ସସ୍ମିତା ସେଠୀ, ବଂଶୀଧର ତ୍ରିପାଠି, ସିଆରସିସି ମୁସ୍ତାକ ଖାଁ, ସୁରେନ୍ଦ୍ର ଦାସ, ମନୋଜ ସ୍ୱାଇଁ, ଗୋକୁଳା ନନ୍ଦ ସାମନ୍ତରାୟ, ସୂର୍ଯ୍ୟମଣୀ ବିଶ୍ୱାଳ, କମଳାକାନ୍ତ ସ୍ୱାଇଁ ଓ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ପରିଚାଳନା କରିଥିଲେ।

## କୁମାରୋତ୍ସବ, ପାଣି ଜୟନ୍ତୀ ଉଦ୍‌ଯାପିତ

ତିର୍ତ୍ତୋଲ,୨୬।୧୦(ଡି.ଏନ.ଏ.)

ତିର୍ତ୍ତୋଲ ବଜାର ନିକଟ ଜୟପ୍ରକାଶ ମଇଦାନରେ ୩ଦିନ ଧରି ଚାଲିଥିବା କୁମାର ଉତ୍ସବ ସମିତିର ୪୫ତମ ବାର୍ଷିକୋତ୍ସବ ଓ ପାଣି ଜୟନ୍ତୀ ସମାରୋହ ଗୁରୁବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଛି। ଏଥିରେ ସମିତିର ସଭାପତି ବିଭୂତି ଭୂଷଣ ବିଶ୍ୱାଳ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ କଟକ-ବାରବାଟୀ ବିଧାୟକ ଦେବାଶିଷ ସାମନ୍ତରାୟ ଯୋଗଦେଇ ଏହି ସାଂସ୍କୃତିକ ଉତ୍ସବ ଦୀର୍ଘବର୍ଷ ପରେବି ତାର ଗୌରବ ବଜାୟ ରଖିଛି ବୋଲି ମତ ପ୍ରକାଶ କରିଥିଲେ। ସିନେ ଅଭିନେତା ଅରିନ୍ଦମ ରାୟ, ଟିଭି ଓ ଆକାଶବାଣୀ ଉପସ୍ଥାପକ ତଥା ଗାୟକ ସୁରଜ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସେମାନଙ୍କ ଅଭିନୟ ଜରିଆରେ ଦର୍ଶକଙ୍କ ମନୋରଞ୍ଜନ କରାଇଥିଲେ। ଅନ୍ୟତମ ଅତିଥି ତିର୍ତ୍ତୋଲ ପାଣିପଞ୍ଚାୟତ ସଭାପତି ବିନୟ ମହାପାତ୍ର ବକ୍ତବ୍ୟ ପ୍ରଦାନ କରିଥିଲେ। ସମିତିର ଉପଦେଷ୍ଟା ତଥା ଦୂରଦର୍ଶନର ଅବସରପ୍ରାପ୍ତ ନିର୍ଦ୍ଦେଶକ ନିତ୍ୟାନନ୍ଦ ଜେନା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ସୁବାସ ଚନ୍ଦ୍ର ମହାପାତ୍ର ବିବରଣୀ ପାଠ କରିଥିଲେ। ଏହି ଅବସରରେ ନାଟ୍ୟ ନିର୍ଦ୍ଦେଶକ ପ୍ରକାଶ ସ୍ୱାଇଁ, ପ୍ରୀତିରଞ୍ଜନ ମହାନ୍ତି(ଚାବୁଲା), ରଞ୍ଜନ କୁମାର ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମିତିର ସହ ସମ୍ପାଦକ ସୁଖେନ୍ଦୁ ଦାଶ, ଉପସଭାପତି ରାକେଶ ମହାପାତ୍ର, କୋଷାଧ୍ୟକ୍ଷ ନବକୁମାର ମହାପାତ୍ର, ପ୍ରତିଷ୍ଠାତା ସଦସ୍ୟ ଧୀରେନ ମହାପାତ୍ର, ଅନୀଲ ମହାପାତ୍ର, ସୁଶ୍ରୀ ବିଜୟା ମହାନ୍ତି, ତୁଷାର ରଞ୍ଜନ ରାୟ, ଅରୁଣ ମହାନ୍ତି, ସୁଧାଂଶୁ ମହାପାତ୍ର, ପ୍ରଫୁଲ୍ଲ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ନରେଶ ମହାପାତ୍ର ଧନ୍ୟବାଦ ଦେଇଥିଲେ। ପରେ ମେଲୋଡି ପରିବେଷଣ କରାଯାଇଥିଲା।

## କୁଜଙ୍ଗରେ ଉତ୍କଳ ଭାରତର ସମାବେଶ

କୁଜଙ୍ଗ,୨୬।୧୦(ସ୍ୱ.ପ୍ର.)

ପାରାଦୀପ ନିର୍ବାଚନମଣ୍ଡଳୀର କୁଜଙ୍ଗ ଦେବୀ ମଣ୍ଡପ ନିକଟରେ ଶୁକ୍ରବାର ସନ୍ଧ୍ୟାରେ ପୂର୍ବତନ ଏମ୍‌ପି ଖାରବେଳ ସ୍ୱାଇଁଙ୍କ ନେତୃତ୍ୱରେ ପରିଚାଳିତ ଉତ୍କଳ ଭାରତ ପକ୍ଷରୁ ଦୁଇଟି ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଛି। ଏଥିରେ ସ୍ୱାଇଁ ଯୋଗଦେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ବିଭିନ୍ନ କ୍ଷେତ୍ରରେ ତୀବ୍ର ସମାଲୋଚନା କରିଛନ୍ତି। ପୋସ୍କୋ ଭଳି ପ୍ରକଳ୍ପ ଫେରିଯିବା ରାଜ୍ୟର ହିତ ବିରୋଧୀ ବୋଲି ସେ କହିଛନ୍ତି। ଏଥିପାଇଁ ସେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦୂର ଦୃଷ୍ଟିର ଅଭାବ ଥିବା କହିବା ସହ ଓଡ଼ିଆଙ୍କ ଭାଗ୍ୟ ପରିବର୍ତ୍ତନ ନିମନ୍ତେ ଆସନ୍ତା ସାଧାରଣ ନିର୍ବାଚନରେ ତାଙ୍କ ଦଳକୁ ବିଜୟୀ କରାଇବାକୁ ଆହ୍ୱାନ ଦେଇଛନ୍ତି। ସେହିପରି କେନ୍ଦ୍ର ମଧ୍ୟ ଚିଟଫଣ୍ଡ ଦୁର୍ନୀତିର ସିବିଆଇ ତଦନ୍ତ ଆଳରେ ରାଜ୍ୟ ସରକାରଙ୍କୁ ଚୁପ୍ କରିଦେଇବା ସେ କହିଛନ୍ତି।

ବିଜେଡିର ବିକଳ୍ପ ଭାବେ ରାଜ୍ୟବାସୀ ଉତ୍କଳ ଭାରତକୁ ସମର୍ଥନ ପ୍ରଦାନ କଲେ ସେ ଏକ ସମୃଦ୍ଧ ଓଡ଼ିଶା ଭେଟିଦେବେ ବୋଲି କହିଥିଲେ। ସମାବେଶରେ ମହେଶ୍ୱର ମହାନ୍ତି, ବାଲିଆ ସରପଞ୍ଚ ପବିତ୍ର କୁମାର ସେଠୀ, ଆଇନଜୀବୀ ରଞ୍ଜିତ କୁମାର ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ଉତ୍କଳ ଭାରତ ରାଜ୍ୟ ଯୁବସଭାପତି ଜଗଦିଶ ପ୍ରଧାନ, ରାଜ୍ୟଛାତ୍ର ସଭାପତି ପ୍ରତ୍ୟୁଷ ନାୟକ, ରାଜ୍ୟ ସମ୍ପାଦକ ପ୍ରଦୀପ ଜେନା, ଜଗତ୍‌ସିଂହପୁର ଯୁବସଭାପତି ରାଜକିଶୋର ଦାସ, ବାଲେଶ୍ୱର ସମ୍ପାଦକ ଗୋପାଳ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ।

■ ବ୍ୟାଙ୍କସ୍ତରୀୟ ଜିଲା ପରାମର୍ଶଦାତା କମିଟି, ଜିଲାସ୍ତରୀୟ ସମୀକ୍ଷା ବୈଠକ

# ବ୍ୟାଙ୍କ କର୍ତ୍ତୃପକ୍ଷ ଅଗ୍ରାଧିକାର ଭିତ୍ତିରେ ଋଣ ଦେବା ଆବଶ୍ୟକ

ଜଗତ୍‌ସିଂହପୁର ଅଫିସ, ୨୬।୧୦

ଜଗତ୍‌ସିଂହପୁର ଜିଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଶୁକ୍ରବାର ବ୍ୟାଙ୍କସ୍ତରୀୟ ଜିଲା ପରାମର୍ଶଦାତା କମିଟି ଏବଂ ଜିଲାସ୍ତରୀୟ ସମୀକ୍ଷା ଅନୁଷ୍ଠିତ ହୋଇଛି। ଏଥିରେ ଅତିରିକ୍ତ ଜିଲାପାଳ ସଚିଦାନନ୍ଦ ସାହୁ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଯୋଗଦେଇ ଏମ୍‌ପି କୁଳମଣି ସାମଲ କହିଥିଲେ, କଳିଙ୍ଗ ଶିକ୍ଷାସାଥୀ ଯୋଜନାରେ ବିଦ୍ୟାର୍ଥୀଙ୍କୁ ଏବଂ ଉଦ୍ୟୋଗୀ ଓ ସ୍ୱୟଂ ସହାୟକ ଦଳମାନଙ୍କୁ ବ୍ୟାଙ୍କ କର୍ତ୍ତୃପକ୍ଷ ଅଗ୍ରାଧିକାର ଭିତ୍ତିରେ ଋଣ ଦେବା ଆବଶ୍ୟକ। ବୈଠକରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲାପାଳ ସାହୁ କହିଥିଲେ, ସରକାରଙ୍କ ବିଭିନ୍ନ ଯୋଜନାରେ ହିତାଧିକାରୀମାନେ ବ୍ୟାଙ୍କରୁ ଯେପରି ସୁବିଧାରେ ଋଣ ପାଇପାରିବେ ବ୍ୟାଙ୍କ କର୍ତ୍ତୃପକ୍ଷ ଧ୍ୟାନ ଦେବା ଆବଶ୍ୟକ। ବାଲେଶ୍ୱର ଇକୋ ବ୍ୟାଙ୍କ ଜୋନାଲ ମ୍ୟାନେଜର ଏଚ୍‌କେ ଆରୋରା ଯୋଗଦେଇ ସିଡି ଅନୁପାତ ବୃଦ୍ଧି ଉପରେ ସମସ୍ତ ବ୍ୟାଙ୍କ ଧ୍ୟାନଦେବାକୁ ପରାମର୍ଶ ଦେଇଥିଲେ। ଜୁନ୍ ୨୦୧୮ ସୁଦ୍ଧା ୮୦୨୧.୬୦କୋଟି ଟଙ୍କା ବିଭିନ୍ନ ବ୍ୟାଙ୍କରେ ସଞ୍ଚୟ ହୋଇଥିବାବେଳେ ୨୫୯୨.୩୬କୋଟି ଟଙ୍କା ଋଣ ପ୍ରଦାନ କରାଯାଇଥିବା କୁହାଯାଇଛି। ବୈଠକରେ ଜିଲା ମ୍ୟାନେଜର ଅନୀଲ କୁମାର ପଟ୍ଟନାୟକ ବିବରଣୀ ପ୍ରଦାନ କରିଥିଲେ। ଏଥିରେ ପୂର୍ବ ବୈଠକର ବିବରଣୀକୁ ଦୃଢ଼ୀକରଣ କରାଯାଇଥିଲା। ବୈଠକରେ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା, ମତ୍ସ୍ୟ ଓ ପଶୁପାଳନ, କୃଷି, ଦୁଗ୍ଧଚାଷ, ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା, କ୍ଷୁଦ୍ର ଓ ମଧ୍ୟମ ଋଣ ଯୋଜନା, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ଶସ୍ୟ ଋଣ, ଉଦ୍ୟାନ କୃଷି ଓ ଗ୍ରାମାଞ୍ଚଳ ଆତ୍ମନିଯୁକ୍ତି ଯୋଜନାରେ ଯୁବତୀଯୁବକଙ୍କୁ କ୍ଷୁଦ୍ରଋଣ ପ୍ରଦାନ, ଅର୍ଥନୈତିକ ସାକ୍ଷରତା କେନ୍ଦ୍ର ଶିବିର, ବ୍ୟାଙ୍କିଙ୍ଗ ଇଣ୍ଡିକେଟର, ଓଡ଼ିଶା ଜୀବିକା ମିଶନ, ଜାତୀୟ ସହରାଞ୍ଚଳ ଜୀବିକା ମିଶନ, ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ଆର୍ଥିକ ବିକାଶ ନିଗମ, କୃଷିଭିତ୍ତିକ କାର୍ଯ୍ୟକ୍ରମ, ବୁଣାକାର କ୍ରେଡିଟ୍ କାର୍ଡ ଏବଂ ଋଣ ଆଦାୟ ସମ୍ପର୍କରେ ବ୍ୟାପକ ଆଲୋଚନା ହୋଇଥିଲା। ବୈଠକରେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ଆଞ୍ଚଳିକ ମ୍ୟାନେଜର ଲିଙ୍ଗରାଜ ପଣ୍ଡା, ରିଜର୍ଭ ବ୍ୟାଙ୍କ ଏଲ୍‌ଡିଓ ଏନ୍‌ସି ପଟ୍ଟନାୟକ, ନାବାର୍ଡ ଏଜିଏମ୍ ଶାନ୍ତି ପ୍ରକାଶ ମହାପାତ୍ର, ବିଭିନ୍ନ କ୍ଷେତ୍ର ବିଭାଗୀୟ ଅଧିକାରୀ, ବିଭିନ୍ନ ବ୍ୟାଙ୍କ ଶାଖା ପରିଚାଳକ ଓ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ସଂକ୍ଷେପରେ

### ବିଭିନ୍ନ ପ୍ରକଳ୍ପ ଶିଳାନ୍ୟାସ



**ରାଜନଗର,୨୬।୧୦(ଡି.ଏନ.ଏ.):** ରାଜନଗର ବିଧାୟକ ଅଂଶୁମାନ ମହାନ୍ତି ଗୁପ୍ତି ଏବଂ ଇଶ୍ୱରପୁର ପଞ୍ଚାୟତରେ ଦୁଇଟି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଗୁପ୍ତି ପଞ୍ଚାୟତର ଗୁପ୍ତି - ଚାନ୍ଦିବାଉଁଶମୂଳ ନାଳର ଆଡିବନ୍ଧ, ସ୍ଲୁଇସ ଏବଂ ପୋଲ ନିର୍ମାଣ ପାଇଁ ଗୁପ୍ତି ଗ୍ରାମ ନିକଟରେ ଶୁକ୍ରବାର ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ପ୍ରକଳ୍ପ ପାଇଁ ୧ କୋଟି ୩୫ ଲକ୍ଷ ୪୦ ହଜାର ଟଙ୍କା ବ୍ୟୟ ବରାଦ କରାଯାଇଛି। ସେହିପରି ଇଶ୍ୱରପୁର ପଞ୍ଚାୟତ ଶିଳପୋଖରୀ ଗ୍ରାମର ରାମଚଣ୍ଡି କମ୍ୟୁନିଟି ସେଣ୍ଟରର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ମହାନ୍ତିଙ୍କ ସହିତ ପୂର୍ବତନ ଜିଲା ପରିଷଦ ସଭ୍ୟ ଅରୁଣ କୁମାର ରାଉତ, ୩୧ନଂ ଜୋନ ସଭାପତି ଦେବେନ୍ଦ୍ର କୁମାର ଜେନା, ପୂର୍ବତନ ସରପଞ୍ଚ ରଞ୍ଜନ କୁମାର ମହାନ୍ତି , କଂଗ୍ରେସ ନେତା ସନ୍ତୋଷ କୁମାର ମହାନ୍ତି, ଗଗନ ଧଳ, ମେଘଶ୍ୟାମ ନାୟକ, ଶୁକଦେବ ଭଦ୍ର, ଖଗେଶ୍ୱର ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

### ମା’ ସାତଭଉଣୀଙ୍କ ପୀଠରେ ବିବାହ ମଣ୍ଡପ ପ୍ରତିଷ୍ଠା



**ପଟ୍ଟାମୁଣ୍ଡାଇ,୨୬।୧୦(ସ୍ୱ.ପ୍ର.):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଡିହାପଡା ପଞ୍ଚାୟତ ସେକପୁର ଗ୍ରାମର ଆରାଧ୍ୟା ଦେବୀ ମା’ ସାତଭଉଣୀଙ୍କ ପୀଠରେ ଏକ ବିବାହ ମଣ୍ଡପ ବୁଧବାର ପ୍ରତିଷ୍ଠା କରାଯାଇଛି। ୨ ଏକର ୭ ଡେସିମିଲ ପରିମିତ ଜମି ଉପରେ ପ୍ରତିଷ୍ଠିତ ମା’ ସାତଭଉଣୀଙ୍କ ପୀଠକୁ ଏକ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପ୍ରଦାନ କରିବା ଦାବି ସରକାରଙ୍କ ବିଚାରାଧୀନ ଥିବା ବେଳେ ପଞ୍ଚାୟତର ବଦାନ୍ୟ ବ୍ୟକ୍ତିମାନଙ୍କ ସହଯୋଗରେ ଦେବୀଙ୍କ ପୀଠରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ହୋଇଚାଲିଛି। ବିଭିନ୍ନ ପର୍ବପର୍ବାଣୀରେ ଶ୍ରଦ୍ଧାଳୁମାନେ ମା’ଙ୍କ ପୂଜାର୍ଚ୍ଚନା ପାଇଁ ସମବେତ ହେଉଥିବା ବେଳେ ବିବାହ, ବ୍ରତ ଓ ସାମାଜିକ କାର୍ଯ୍ୟରେ ଅଞ୍ଚଳବାସୀ ନିର୍ଭରଶୀଳ ହୋଇଥାନ୍ତି। ମା’ଙ୍କ ପୀଠରେ ଏକ କଲ୍ୟାଣ ମଣ୍ଡପ ନିର୍ବାଣ କରିବା ଜରୁରୀ ହୋଇପଡ଼ିଛି। ତେବେ ଶ୍ରଦ୍ଧାଳୁମାନଙ୍କ ସୁବିଧା ପାଇଁ ସେକପୁର ଗ୍ରାମ ସଂଲଗ୍ନ ବନ୍ଧସାହି ଗ୍ରାମର ବୀରବର ସାହୁଙ୍କ ସହଯୋଗରେ ନିର୍ମିତ ହୋଇଥିବା ବିବାହ ମଣ୍ଡପ ବୁଧବାର ପୂଜାପାଠ କରାଯାଇ ପ୍ରତିଷ୍ଠା ହୋଇଛି। ଏହି ଅବସରରେ ଡିହାପଡ଼ା ପଞ୍ଚାୟତ ସହିତ ବଡ଼ମୂଳବସନ୍ତ ପଞ୍ଚାୟତର ଲୋକପ୍ରତିନିଧି, ଧର୍ମପ୍ରାଣ ବ୍ୟକ୍ତିମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମା’ଙ୍କ ପୀଠର ଦାୟିତ୍ୱ ବୁଝୁଥିବା ସୁନାକର ପରିଡା, ନେତ୍ରାନନ୍ଦ ସାହୁ, ବୈଷ୍ଣବ ଲେଙ୍କା, ଶତୃଘ୍ନ ପରିଡ଼ା, ବୈକୁଣ୍ଠ ସେନାପତି, ପୀତାମ୍ବର ସେନାପତି, ବାବାଜୀ ପରିଡ଼ା, କଳ୍ପତରୁ ଦାସ, କରୁଣାକର ବାରିକ, ସୁଶାନ୍ତ ପାଣି, ବାବାଜୀ ସ୍ୱାଇଁ, କୂଳମଣି ଦାସ, ପ୍ରଶାନ୍ତ ବେହେରା, ହୃଷିକେଶ ଦାସ, ଶିବପ୍ରସାଦ ରାଉତ, ନିତ୍ୟାନନ୍ଦ ଦାସଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ।

■ କୁନ୍ଦୁପୁରରେ ନିଆରା ଗଜଲକ୍ଷ୍ମୀ ପୂଜା

# ମା’ଙ୍କ ପାର୍ବଣରେ ଗ୍ରାମରେ ଆମିଷ ନିଷେଧ

**ରାଜନଗର,୨୬।୧୦(ଡି.ଏନ.ଏ.)**

ମା’ ଗଜଲକ୍ଷ୍ମୀ ପୂଜା ପାଇଁ କେନ୍ଦ୍ରାପଡା ଜିଲା ପ୍ରସିଦ୍ଧି ଲାଭ କରିଛି । ଏହି ଜିଲା ରାଜନଗର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପଟ୍ଟାମୁଣ୍ଡାଇ ବ୍ଲକ ଖଣତା ପଞ୍ଚାୟତର କୁନ୍ଦୁପୁର ଗ୍ରାମରେ ଦୀର୍ଘ ୪୦ବର୍ଷ ଧରି ପୂଜା ପାଇ ଆସୁଛନ୍ତି ମା’ । ଏହି ଗ୍ରାମ ମୁଣ୍ଡରେ ଏକ ପୁରାତନ ପୋଖରୀ ରହିଛି । ପୋଖରୀ କୂଳରେ ଗଢି ଉଠିଛି ଛୋଟ ବଜାରଟିଏ। ୪୦ ବର୍ଷ ତଳେ କେତେଜଣ ବ୍ୟବସାୟୀଙ୍କୁ ମାଆଙ୍କ ଆରାଧନା ପାଇଁ ଜଣେ ସାଧୁ ପରାମର୍ଶ ଦେଇଥିଲେ। ସେବେଠୁ ଗ୍ରାମରେ ମା’ ଗଜଲକ୍ଷ୍ମୀ ପୂଜା ପାଳିତ ହୋଇ ଆସୁଛି। ପୂଜା ପାଖେଇ ଆସିଲେ ଗ୍ରାମର ଯିଏ ଯେଉଁଠି ଥାଆନ୍ତୁ ନା କାହିଁକି ଘରକୁ ଆସନ୍ତି । ଏପରି କି ବିଦେଶରେ ରହୁଥିବା ଗ୍ରାମବାସୀ ସବୁ କାମ ପଛରେ ପକାଇ ଗାଁ ମୁହାଁ ହୁଅନ୍ତି। ମା’ଙ୍କ ୫ ଦିନ ବ୍ୟାପୀ ଉତ୍ସବରେ ସାମିଲ ହୋଇ ନିଜକୁ ହଜାଇ ଦେଇଥାନ୍ତି । ଏହି ଅବସରରେ କୁନ୍ଦୁପୁର ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ପାଲା, ଦାଶକାଠିଆ, ଗାଁ ଗହଳିର ଲୁକ୍କାୟିତ ପ୍ରତିଭାମାନଙ୍କୁ ଉତ୍ସାହିତ କରିବା ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ। ମା’ଙ୍କ ପୂଜା ପାର୍ବଣରେ ଗାଁ ସାରା ଆମିଷ ନିଷିଦ୍ଧ ହେବା ସହ ଗୋଟିଏ ସ୍ଥାନରେ ଗ୍ରାମବାସୀ ଏକାଠି ପ୍ରସାଦ ସେବନ କରି ଆତ୍ମ ବିଭୋର ହୋଇଥାନ୍ତି। ଗ୍ରାମର କ୍ଷେତ୍ରବାସୀ ଦାଶ, ପୀତାମ୍ବର ସାହୁ, କୃଷ୍ଣଚନ୍ଦ୍ର ମହାପାତ୍ର, , ନିମାଇଁ ମହାନ୍ତି ,ସୁରେନ୍ଦ୍ର ଦାଶ ପ୍ରମୁଖଙ୍କ ପ୍ରୟାସରେ ପ୍ରଥମେ ପୂଜା ଆରମ୍ଭ ହୋଇଥିଲା। ବର୍ତ୍ତମାନ କାଶୀନାଥ ଦାଶ, ପୀତାମ୍ବର ସାହୁ, ଅରବିନ୍ଦ ବେହେରା, ସୁରେନ୍ଦ୍ର ଦାଶ, ରମାକାନ୍ତ ଜେନା, ହେମନ୍ତ ପଣ୍ଡା, ମହେଶ୍ୱର ଦାଶ, କୃଷ୍ଣଚନ୍ଦ୍ର ମହାନ୍ତି , ସୁଶାନ୍ତ କୁମାର ଦାଶ, ବିଷ୍ଣୁଚରଣ ଦାଶଙ୍କ ପରିଚାଳନାରେ ବୁଧବାରଠାରୁ ପୂଜା ଆରମ୍ଭ ହୋଇଛି।



କୁନ୍ଦୁପୁରରେ ପୂଜା ପାଉଥିବା ମା’ ଗଜଲକ୍ଷ୍ମୀ।

### ଏମାନେ ଯାହା କହନ୍ତି...



“ ଗଜଲକ୍ଷ୍ମୀ ପୂଜା ସମୟରେ ମା’ଙ୍କ ଆରାଧନା ସହିତ ଆମ ଗାଁର ବିକାଶ, ଭାଇଚାରା ଓ ସଂପ୍ରୀତିର ବାର୍ତ୍ତା ଆମେ ବାଣ୍ଟିଥାଉ। କୁମାର ପୁନେଇ ଯେତେ ପାଖେଇ ଆସେ, ମନ ଓ ପ୍ରାଣରେ ପୂଜା ପାଇଁ ବ୍ୟାକୁଳତା ବଢିଯାଏ ।

*– ସୁରେନ୍ଦ୍ର ନାଥ ପଣ୍ଡା (ସଭାପତି)*



“ ୪୦ ବର୍ଷ ତଳେ ଆମେ ମା’ଙ୍କ ପୂଜା ଆରମ୍ଭ କରିଥିଲୁ। କାଲି ପରି ଲାଗୁଛି। ଏହା ଭିତରେ ଏତେ ବର୍ଷ ଅତିକ୍ରମ କଲାଣି ଜାଣି ହେଉନି। ମା’ଙ୍କ ପୂଜା ଆମ ଗାଁ ଉତ୍ସବ। ଗାଁର ସମସ୍ତଙ୍କ ସହଯୋଗ ଯୋଗୁ ଏତେ ବାଟ ଆସିଲୁଣି।

*–ପୀତାମ୍ବର ସାହୁ (ପ୍ରତିଷ୍ଠାତା ସଦସ୍ୟ )*



“ ଆମ ପୂଜା ପାର୍ବଣ ପରମ୍ପରା ସହ ଏବର ଯୁବପିଢିମାନଙ୍କୁ ଯୋଡିବାକୁ ମା’ଙ୍କ ଆରାଧନା ଦ୍ୱାରା ପ୍ରୟାସ ଜାରି ରଖିଛୁ।

*–କାଶୀନାଥ ଦାଶ (ସଦସ୍ୟ)*



“ ଆମେ ମା’ ଗଜଲକ୍ଷ୍ମୀଙ୍କ ପୂଜାବିଧି ନିଷ୍ଠାର ସହ ପାଳନ କରୁ। ତାଙ୍କ ଆଗମନରେ ଆମ ଗାଁ ପରିବେଶ ଉତ୍ସବମୁଖର ହୋଇଉଠେ । ଆଧ୍ୟାତ୍ମିକ ବାତାବରଣ ମଧ୍ୟରେ ରହିବାକୁ ବହୁତ ଭଲ ଲାଗେ ।

*– ନିମାଇଁ ମହାନ୍ତି (ସଦସ୍ୟ)*

ରାଜନଗରର ଛତୁଆ ଯୋଗାଣ ମାମଲା

### ଅନଶନ କରିବେ ବେଣ୍ଟକୁମାରୀ ଏସ୍ଏଚ୍‌ଜି ସଦସ୍ୟା

**କେନ୍ଦ୍ରାପଡା ଅଫିସ, ୨୬।୧୦**

ଓଡ଼ିଶା ରାଜ୍ୟ ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶକୁ ଜିଲା ପ୍ରଶାସନ କାର୍ଯ୍ୟକାରୀ କରୁ ନାହାନ୍ତି। ନ୍ୟାୟାଳୟ ପକ୍ଷରୁ ରାଜନଗରର ବେଣ୍ଟକୁମାରୀ ଏସଏଚ୍‌ଜିକୁ ଛତୁଆ ନିର୍ମାଣ ପାଇଁ ଜିଲା ପ୍ରଶାସନ ଅନୁମତି ଦେବାକୁ ୨୦୧୭ ଜୁଲାଇ ୭ରୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଏହା ଅଦ୍ୟାବଧି କାର୍ଯ୍ୟକାରୀ ହୋଇପାରିନାହିଁ। ଆସନ୍ତା ୭ ଦିନ ମଧ୍ୟରେ ଜିଲା ପ୍ରଶାସନ ଏହି ନିର୍ଦ୍ଦେଶନାମା କାର୍ଯ୍ୟକାରୀ ନ କଲେ ବେଣ୍ଟକୁମାରୀ ଏସଏଚ୍‌ଜି ସଦସ୍ୟାମାନେ ଅନଶନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏ ନେଇ ସଦସ୍ୟାମାନେ ଜିଲାପାଳଙ୍କୁ ଗୁରୁବାର ଏକ ଦାବିପତ୍ର ମଧ୍ୟ ପ୍ରଦାନ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ବ୍ଲକ ଅଧୀନ କୁରୁଣ୍ଟି ପଞ୍ଚାୟତସ୍ଥ ନୋଧାବସନ୍ତ ଗ୍ରାମର ଏହି ଗୋଷ୍ଠୀ ଛତୁଆ ପ୍ରସ୍ତୁତ କରି ୨୦୧୧ରୁ ୨୦୧୨ ପର୍ଯ୍ୟନ୍ତ ଅଙ୍ଗନୱାଡି କେନ୍ଦ୍ରଗୁଡିକୁ ଯୋଗାଇ ଆସୁଥିଲା। ତେବେ କୌଣସି କାରଣ ନଦର୍ଶାଇ ଜିଲା ପ୍ରଶାସନ ପକ୍ଷରୁ ୨୦୧୨ ରେ ଛତୁଆ କ୍ରୟକୁ ବନ୍ଦ କରିଦିଆଗଲା। ଏହା ବିରୋଧରେ ଗୋଷ୍ଠୀ ପକ୍ଷରୁ ୨୦୧୬ରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ମାମଲା ପରେ ୨୦୧୭ରେ ରାୟ ପ୍ରକାଶ ପାଇଥିଲା। ଏହି ରାୟରେ ଅଗଷ୍ଟ ମାସ ମଧ୍ୟରେ ଗୋଷ୍ଠୀ ପକ୍ଷରୁ ଛତୁଆ ପ୍ରସ୍ତୁତି ପାଇଁ ଅନୁମତି ଦେବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା।

# ବିଧାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ

**ମାର୍ଶାଘାଇ,୨୬।୧୦(ଡିଏନ୍‌ଏ)**

ଶୁକ୍ରବାର ମାର୍ଶାଘାଇ ବ୍ଲକର ଅନ୍ତେଇ,ବଟିରା ଏବଂ ମଙ୍ଗରାଜପୁର ପଞ୍ଚାୟତରେ ବିଜେଡିର ଜନ ସଂପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମହାକାଳପଡା ବିଧାୟକ ଅତନୁ ସବ୍ୟସାଚୀ ନାୟକ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କରିବା ସହିତ ନୂଆ ପ୍ରକଳ୍ପ ପାଇଁ ଶୁଭଦାନ କରିଥିଲେ।

ବ୍ଲକର ଅନ୍ତେଇ ପଞ୍ଚାୟତରେ ଏକ ଉଚ୍ଚ କ୍ଷମତା ସମ୍ପନ୍ନ ପାଣି ଟାଙ୍କି , ମନ୍ତେଇରେ ଅଙ୍ଗନୱାଡି ଗୃହ, ମଙ୍ଗରାଜପୁର ପଞ୍ଚାୟତର ନୂତନ କାର୍ଯ୍ୟାଳୟ ଗୃହ,ରତନପୁର ବନ୍ୟା ଆଶ୍ରୟସ୍ଥଳକୁ ବିଧାୟକ ଉଦ୍‌ଘାଟନ କରିଥିଲେ। ସେହିପରି ବରିପଲା ଠାରୁ ଖୁରୁଷିଆ ପର୍ଯ୍ୟନ୍ତ ୮.୨୯ କୋଟି ଟଙ୍କା ବ୍ୟୟରେ ପାଇକା ନଦୀବନ୍ଧ ପ୍ରଶସ୍ତିକରଣ କାର୍ଯ୍ୟ ପାଇଁ ଶିଳାନ୍ୟାସ କରାଯାଇଥିଲା । ପାଇଲୋ କାଳୀ ମଠ କମ୍ୟୁନିଟି ସେଣ୍ଟର,ବାଲିଘାଇ ବଜ୍ରସୁନା କମ୍ୟୁନିଟି ସେଣ୍ଟର,ବଟିରା–ରାମଚନ୍ଦ୍ରପୁର କମ୍ୟୁନିଟି ସେଣ୍ଟର, ଜେନାସାହି ଭାଗବତ ଟୁଙ୍ଗି,ପୋତାରୀ ପାଇକା କମ୍ୟୁନିଟି ସେଣ୍ଟର, ମଧୁସୂଦନପୁର ଶ୍ୟାମାକାଳୀ କମ୍ୟୁନିଟି ସେଣ୍ଟର, ମଙ୍ଗରାଜପୁର ଗାଦି ମହାପୁରୁଷ କମ୍ୟୁନିଟି ସେଣ୍ଟର,ନଛିପଡା ଜଟାଧାରୀ ମହାପୁରୁଷ କମ୍ୟୁନିଟି ସେଣ୍ଟର,ନଛିପଡା–ପାଇଲୋ ରାସ୍ତା ପ୍ରଭୃତି ପ୍ରକଳ୍ପର ଶୁଭଦାନ କରାଯାଇଥିଲା। ଏହି ଅବସରରେ ପୋତାରୀ ଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ବିଜେଡି ନେତା ପ୍ରଫୁଲ୍ଲ ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟଅତିଥି ଭାବେ ବିଧାୟକ ନାୟକ ଯୋଗ ଦେଇଥିଲେ। ମାର୍ଶାଘାଇ ପଞ୍ଚାୟତ ସମିତି ଅଧ୍ୟକ୍ଷା ସୀତାଲତା ପରିଡା,ବ୍ଲକ ବିଜେଡି ସଭାପତି ସଞ୍ଜୟ ଲେଙ୍କା,ଜିଲା ବିଜେଡି ଉପ ସଭାପତି ଗଙ୍ଗାଧର ପରିଡା,ଜିଲା ପରିଷଦ ସଦସ୍ୟ ପ୍ରଦୀପ୍ତ ଗାହାଣ ପ୍ରମୁଖ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ମଙ୍ଗରାଜପୁର,ଅନ୍ତେଇ,ବଟିରା ପଞ୍ଚାୟତର ସରପଞ୍ଚ,ସମିତି ସଭ୍ୟଙ୍କ ସମେତ ମାର୍ଶାଘାଇ ଏବଂ ମହାକାଳପଡା ବ୍ଲକର ବହୁ ସରପଞ୍ଚ,ସମିତି ସଭ୍ୟ ଏବଂ ବରିଷ୍ଠ ବିଜେଡି ନେତାଗଣ ଉପସ୍ଥିତ ଥିଲେ। ମାର୍ଶାଘାଇ ବ୍ଲକ ଯୁବ ବିଜେଡି ସଭାପତି ପ୍ରତାପ କୁମାର ମଲିକ ଧନ୍ୟବାଦ ଦେଇଥିଲେ ।



ସଭାରେ ବିଧାୟକ ଅତନୁ ସବ୍ୟସାଚୀ ଦାୟକ ଉଦ୍‌ବୋଧନ ଦେଉଛନ୍ତି।

### ଜିଲା କଂଗ୍ରେସରେ ଯୁବ ନେତୃତ୍ୱକୁ ଗୁରୁତ୍ୱ

**କେନ୍ଦ୍ରାପଡା ଅଫିସ, ୨୬।୧୦**

ଗତ ୨୪ ତାରିଖରେ ଜିଲା କଂଗ୍ରେସ କମିଟିର କର୍ମକର୍ତ୍ତା ଓ କାର୍ଯ୍ୟକାରୀ କମିଟି ସଦସ୍ୟଙ୍କ ନାମ ତାଲିକାକୁ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଅନୁମୋଦନ କରିଛନ୍ତି। ଏହି କାର୍ଯ୍ୟକର୍ତ୍ତାଙ୍କ ନାମ ଘୋଷଣା ପାଇଁ ସହରର ଏକ କଲ୍ୟାଣ ମଣ୍ଡପରେ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀ ଶୁକ୍ରବାର ଆୟୋଜିତ ହୋଇଥିଲା। ଏଥିରେ ଜିଲା ସଭାପତି ଚିନ୍ମୟ ବେହୁରା ସୂଚନା ଦେଇଥିଲେ ଯେ, ଚଳିତ କମିଟିରେ ମୋଟ ୧୪୬ ଜଣଙ୍କୁ କାର୍ଯକର୍ତ୍ତା ଭାବେ ଗ୍ରହଣ କରାଯାଇଛି। ଏଥିରେ ୬୦ ପ୍ରତିଶତରୁ ଉର୍ଦ୍ଧ୍ୱ ଯୁବନେତୃତ୍ୱଙ୍କୁ ଦାୟିତ୍ୱ ଦିଆଯାଇଛି। ଜିଲା କଂଗ୍ରେସ କମିଟି ଉପସଭାପତି ଭାବେ ୧୫ ଜଣ, ସାଧାରଣ ସମ୍ପାଦକ ଭାବେ ୨୪ ଜଣ, ଜଣେ କୋଷାଧ୍ୟକ୍ଷ, ୧୧ ଜଣ ସଂଗଠନ ସମ୍ପାଦକ, ୨୦ ଜଣ ସମ୍ପାଦକଙ୍କୁ ଜିଲା କଂଗ୍ରେସ କମିଟିରେ ଗ୍ରହଣ କରାଯାଇଛି। ଏହି କମିଟି ପାଇଁ ୩୧ ସ୍ଥାୟୀ ନିମନ୍ତ୍ରିତ ସଭ୍ୟ, ୩୬ ସ୍ୱତନ୍ତ୍ର ନିମନ୍ତ୍ରିତ ସଭ୍ୟ ଅଛନ୍ତି। ଏଥିସହିତ କେନ୍ଦ୍ରାପଡା ନଗର ସଭାପତି ପଦରେ ସୌମେନ୍ଦ୍ର ପୃଷ୍ଟି, ପଟ୍ଟାମୁଣ୍ଡାଇ ନଗର ସଭାପତି ପଦରେ ପ୍ରଦୀପ ପ୍ରଧାନଙ୍କ ସମେତ କଂଗ୍ରେସର ୮ ଛାମୁଆ ସଂଗଠନର କର୍ମକର୍ତ୍ତାଙ୍କୁ ଏହି କମିଟିରେ ଅନ୍ତର୍ଭୁକ୍ତ କରାଯାଇଛି। ଏହି ସମ୍ମିଳନୀର କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ ଦାସ, ରାଜ୍ୟ ମିଡିଆ ସେଲ ସଦସ୍ୟ ସସ୍ମିତ ଶ୍ରୀଚନ୍ଦନ, ଜିଲା ଉପସଭାପତି ସଞ୍ଜୟ ରାଉତ, ନଗର ସଭାପତି ପୃଷ୍ଟି ପ୍ରମୁଖ ସାମିଲ ହୋଇଥିଲେ।

# କୁମାରୋତ୍ସବରେ ନୃତ୍ୟ ପ୍ରତିଯୋଗିତା



ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

**ରାଜନଗର,୨୬।୧୦(ଡି.ଏନ.ଏ.)**

ରାଜନଗର ବ୍ଲକ ଓସ୍ତିଆ ପଞ୍ଚାୟତର ବନ୍ଧପାଟଣା ଗ୍ରାମରେ କୁମାରୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ବୁଧବାର ଓ ଗୁରୁବାର ଦୁଇଦିନ ଧରି ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବନ୍ଧପାଟଣା ସମେତ ଆଖପାଖ ଅଞ୍ଚଳର କୁନି ପିଲାମାନେ ଯୋଗଦେଇ ନୃତ୍ୟ ପରିବେଷଣ କରିଥିଲେ। କବି ପ୍ରମୋଦ କୁମାର ସେଠୀଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣୀ ଉତ୍ସବ ହୋଇଥିଲା । ଏଥିରେ ସାମାଜିକ କର୍ମୀ ଦୟାନିଧି ପାତ୍ର, ବସନ୍ତ କୁମାର ପ୍ରଧାନ, ପଣ୍ଡିତ ବରଦା କାନ୍ତ ଜେନା ପ୍ରମୁଖ ଯୋଗଦେଇ ନୃତ୍ୟଶିଳ୍ପୀ ପ୍ରିୟଙ୍କା ବାରିକ, ସଙ୍ଗୀତା ଜେନା, ଅଙ୍କିତ ନାୟକ, ରଞ୍ଜିତା ପ୍ରଧାନ ପ୍ରମୁଖ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ତନୁଜ କୁମାର ସାହୁ ପରିଚାଳନା କରିଥିଲେ । ନୃସିଂହ ବିଶ୍ୱାଳ, କାମିନୀ ରାଉତ ପ୍ରମୁଖ ସହଯୋଗ କରିଥିଲେ।

# କିରୋସିନ ଢାଳି ନିଆଁ ଲଗାଇ ମହିଳା ଗୁରୁତର

**ପଟ୍ଟାମୁଣ୍ଡାଇ,୨୬।୧୦(ସ୍ୱ.ପ୍ର.)**

**ପାରିବାରିକ ବିବାଦ**

ଘରୋଇ କଳହକୁ ନେଇ ପଟ୍ଟାମୁଣ୍ଡାଇ ଥାନା ଅଧୀନ ତେଲଙ୍ଗାବସନ୍ତ ଗ୍ରାମର ପ୍ରମିଳା ମହାନ୍ତି ନାମ୍ନୀ ଜଣେ ମହିଳା ଶୁକ୍ରବାର ସକାଳ ୮ଟା ବେଳେ ନିଜ ଦେହରେ କିରୋସିନ ଢାଳି ନିଆଁ ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ପଟ୍ଟାମୁଣ୍ଡାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ପରେ ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ଅନ୍ୟପକ୍ଷରେ ପ୍ରମିଳାଙ୍କ ବାପା ମୋ ଝିଅକୁ ଯୌତୁକ ପାଇଁ ତାର ଶାଶୁ ଓ ସ୍ୱାମୀ ପୋଡି ମାରି ଦେବାକୁ ଉଦ୍ୟମ କରିଥିଲେ ବୋଲି ପଟ୍ଟାମୁଣ୍ଡାଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ପଟ୍ଟାମୁଣ୍ଡାଇ ଥାନା ସାନଜରିଆ ପଞ୍ଚାୟତ ମଙ୍ଗରାଜପୁର ଗ୍ରାମର ଶରତ ସ୍ୱାଇଁଙ୍କ ଝିଅ ପ୍ରମିଳା ଗତ ୫ ବର୍ଷ ତଳେ ଡିହାପଡା ପଞ୍ଚାୟତ ତେଲଙ୍ଗାବସନ୍ତ ଗ୍ରାମର ସୌଦାଗର ମହାନ୍ତିଙ୍କ ପୁଅ ନାରାୟଣଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ । ଯୌତୁକକୁ ନେଇ ପରିବାର ମଧ୍ୟରେ ଅସନ୍ତୋଷ ଲାଗି ରହିଥିଲା । ପ୍ରମିଳା ବାପ ଘରେ ରହୁଥିଲେ । ନିକଟରେ ଭଦ୍ରବ୍ୟକ୍ତିଙ୍କ ଉପସ୍ଥିତିରେ ବୁଝାଶୁଝା କରି ଆଉ ବିବାଦ ହେବ ନାହିଁ କହି ଶାଶୁଘର ଲୋକେ ବୋହୁକୁ ଘରକୁ ନେଇ ଯାଇଥିଲେ । ତେବେ ଗୁରୁବାର ରାତିରେ ହୋଇଥିବା ପାରିବାରିକ କଳହକୁ ନେଇ ଶୁକ୍ରବାର ସକାଳେ ପ୍ରମିଳା ଦେହରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ। ତାଙ୍କ ଦେହର ପ୍ରାୟ ୬୦ ଭାଗ ପୋଡିଯାଇଛି । କଟକ ବଡମେଡିକାଲରେ ଚିକିତ୍ସାଧୀନ ଥିବା ବେଳେ ପାଖରେ ତାଙ୍କ ସ୍ୱାମୀ ନାରାୟଣ ଅଛନ୍ତି। ତେବେ ପ୍ରମିଳାଙ୍କ ବାପାଙ୍କ ଏତଲାକୁ ଭିତ୍ତି କରି ପୋଲିସ ତଦନ୍ତ ଜାରି ରଖିଛି।

ଆଜି କ’ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

■ କଲେଜ ଛାତ୍ରୀ ରଶ୍ମିଙ୍କୁ ଶ୍ରଦ୍ଧାଞ୍ଜଳି

# ମାସେ କାଳ ଜୀବନ ସଂଗ୍ରାମ କରି ହାରିଗଲେ

**ପଟ୍ଟାମୁଣ୍ଡାଇ,୨୬।୧୦(ସ୍ୱ.ପ୍ର.)**

ମାସେ କାଳ ଜୀବନ ସହିତ ସଂଗ୍ରାମ କରି ଶେଷରେ ହାରିଗଲେ କେନ୍ଦ୍ରାପଡା ସ୍ୱୟଂଶାସିତ କଲେଜର ମେଧାବୀ ଛାତ୍ରୀ ପ୍ରଜ୍ଞା ପରମିତା ଶର୍ମା ଓରଫ ରଶ୍ମି (୧୯)। ରଶ୍ମିଙ୍କ ଅକାଳ ବିୟୋଗରେ କେନ୍ଦ୍ରାପଡା କଲେଜ, ଦାଣ୍ଡିସାହି ବ୍ରାହ୍ମଣୀ କଲେଜ, ଅଣ୍ଡରା ଉଷାଦେବୀ ମହିଳା କଲେଜ, ଅନୁଆପଡା କଲେଜ ଛାତ୍ରୀଛାତ୍ର ଓ ଅଧ୍ୟାପିକା ଅଧ୍ୟାପକଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ପଟ୍ଟାମୁଣ୍ଡାଇ ବ୍ଲକ ତରଡିପାଳ ଗ୍ରାମର ପ୍ରସନ୍ନଜିତ ଶର୍ମା ଓ ଗୀତାଞ୍ଜଳିଙ୍କ ବଡଝିଅ ଥିଲେ ରଶ୍ମି। ସେ କେନ୍ଦ୍ରାପଡା ସ୍ୱୟଂ ଶାସିତ କଲେଜ ର ଯୁକ୍ତ ୩ ଶେଷବର୍ଷ ଇଂରାଜୀ ଅନର୍ସର ଛାତ୍ରୀ ଭାବେ ଅଧ୍ୟୟନ କରୁଥିଲେ ।

ଗତ ସେପ୍ଟେମ୍ବର ୧୯ ତାରିଖରେ ରଶ୍ମି ହଠାତ୍ ଅସୁସ୍ଥ ହୋଇ ପଡିଥିଲେ। ତାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଜ୍ର କବାଟିରୋଡସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ପରିବାର ଲୋକେ ତାଙ୍କ ଚିକିତ୍ସା ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିଥିଲେ ହେଁ ରଶ୍ମିଙ୍କ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଉନ୍ନତି ହୋଇ ନ ଥିଲା। ପରିବାର ଲୋକଙ୍କ ଅର୍ଥାଭାବ ଜାଣି ମଧ୍ୟ ଘରୋଇ ହସ୍ପିଟାଲ ସାର୍ଫ କର୍ତ୍ତୃପକ୍ଷ ରଶ୍ମିଙ୍କ ଚିକିତ୍ସା ଜାରି ରଖିଥିଲେ । ପରବର୍ତ୍ତୀ ସମୟରେ ହସ୍ପିଟାଲ କର୍ତ୍ତୃପକ୍ଷ ଚିକିତ୍ସା ବାବଦ ବକେୟା ଅର୍ଥ ଦାବି କରିବା ଖବର ପାଇ ଆନ୍ତର୍ଜାତିକ ମାନବାଧିକାର କାଉନସିଲ ବୋର୍ଡର ଓଡିଶା ମୁଖ୍ୟ ଶିବସୁନ୍ଦର ସ୍ୱାଇଁ ଓ କେନ୍ଦ୍ରାପଡା ଜିଲା ମୁଖ୍ୟ ପ୍ରତାପ ପାଢୀ ସହଯୋଗର ହାତ ବଢାଇଥିଲେ। ଘରୋଇ ହସ୍ପିଟାଲର ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ସେମାନେ ରଶ୍ମିଙ୍କ ବାପା ମାଆଙ୍କ ଆର୍ଥିକ ଦୂରବସ୍ଥା ସଂପର୍କରେ ଜଣାଇବା ପରେ ଚିକିତ୍ସା ବାବଦ ୧ ଲକ୍ଷ ୯୭ ହଜାର ୪ ଶହ ଟଙ୍କାର ବକେୟା ଅର୍ଥ ଛାଡ କରି ଦିଆଯାଇଥିଲା । ତେବେ ରଶ୍ମିଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଅଧିକ ଖରାପ ହୋଇ ପଡିବାରୁ ପରେ ତାଙ୍କୁ କଟକ ବଡମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ମାତ୍ର ନିଜ ଜୀବନ ସହିତ ଲଢେଇ କରୁଥିବା ରଶ୍ମି ଶେଷରେ ହାରି ଯାଇଥିଲେ। ଚଳିତମାସ ୧୫ ତାରିଖରେ ତାଙ୍କର ଅକାଳ ବିୟୋଗ ଘଟିଥିଲା। ଗୁରୁବାର ତରଡିପାଳସ୍ଥିତ ବାସଭବନରେ ଅନୁଷ୍ଠିତ ଏକାଦଶାହ କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ବିଧାୟକ କିଶୋର ତରାଇ, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ଭାଜପା ନେତା ସୁନାକର ବେହେରା, ଉର୍ମିଳା ସେଠୀଙ୍କ ସମେତ କେନ୍ଦ୍ରାପଡା ସ୍ୱୟଂ ଶାସିତ କଲେଜର ଅଧ୍ୟାପିକା ଅଧ୍ୟାପକ , ବିଭିନ୍ନ କଲେଜର ଛାତ୍ରୀଛାତ୍ର, ସ୍ଥାନୀୟ ଜନସାଧାରଣ ଓ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

# ଟ୍ରଲର ମାଲିକଙ୍କ ସହ ହେଉଛି ବେଆଇନ ଡିଲ୍

**କେନ୍ଦ୍ରାପଡ଼ା ଅଫିସ୍, ୨୬।୧୦**

**ନାଁକୁ ଘୋଷଣା ହେଉଛି ନିଷିଦ୍ଧାଞ୍ଚଳ**

■ମାଲାମାଲ୍ ହେଉଛନ୍ତି ବନ କର୍ମଚାରୀ
■ଚଳିତବର୍ଷ ୮୦ ଲକ୍ଷରେ ଡିଲ୍ ହୋଇଥିବା ଚର୍ଚ୍ଚା
■ଅଲିଭ୍‌ରିଡ୍‌ଲେଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ

“ ଏଭଳି ଡିଲ୍ କେବେ ହୋଇନାହିଁ। ନିଷିଦ୍ଧାଞ୍ଚଳରେ କୌଣସି ମତ୍ସ୍ୟଜୀବୀ ମାଛ ଧରିଲେ ସେମାନଙ୍କ ବିରୋଧରେ ନିଶ୍ଚିତ ଭାବେ କାର୍ଯ୍ୟାନୁଷ୍ଠାନ ହେବ।

-ଡିଏଫ୍‌ଓ ବିମଳ ପ୍ରସନ୍ନ ଆଚାର୍ଯ୍ୟ

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକସ୍ଥିତ ବିଶ୍ୱପ୍ରସିଦ୍ଧ ଭିତରକନିକା ସଂଲଗ୍ନ ଗହୀରମଥାକୁ ପ୍ରତିବର୍ଷ ଅଲିଭ୍ ରିଡ୍‌ଲେ କଇଁଛ ଅଣ୍ଡାଦାନ ପାଇଁ ଆସୁଥିବାରୁ ଏହା ଅଲିଭ୍‌ରିଡ୍‌ଲେଙ୍କ ଅନ୍ତୁଡିଶାଳ ଭାବେ ପରିଚିତ। ତେବେ ଏହି ବିରଳ ସାମୁଦ୍ରିକ କଇଁଛଙ୍କ ସୁରକ୍ଷା ନିମନ୍ତେ ବନ ବିଭାଗ ପକ୍ଷରୁ ନାନା ପଦକ୍ଷେପ ମଧ୍ୟ ଗ୍ରହଣ କରାଯାଇଥାଏ। ଏଥିପାଇଁ ପ୍ରତିବର୍ଷ ନଭେମ୍ବର ୧ରୁ ମେ ୩୧ ପର୍ଯ୍ୟନ୍ତ ଗହୀରମଥାକୁ ନିଷିଦ୍ଧାଞ୍ଚଳ ଘୋଷଣା କରାଯାଉଥିବା ବେଳେ ଏହା ଏବେ ପ୍ରହସନରେ ପରିଣତ ହୋଇଥିବା କେତେଜଣ ମତ୍ସ୍ୟଜୀବୀ କହିଛନ୍ତି। ସେମାନଙ୍କ କହିବା ଅନୁସାରେ, ନିଷିଦ୍ଧାଞ୍ଚଳ ଘୋଷଣା କରାଯାଇଥିବା ବେଳେ ଗହୀରମଥାରୁ ମାଛ ମାରିବା ପାଇଁ ବନ ବିଭାଗ କର୍ମଚାରୀ ଟ୍ରଲର ସଂଘ ସହ ପ୍ରତିବର୍ଷ ଡିଲ କରନ୍ତି। ଚଳିତବର୍ଷ ଏହି ଡିଲ୍ ବାଲେଶ୍ୱର ଟ୍ରଲର ମାଲିକ ସଂଘ ସହ ୮୦ ଲକ୍ଷ ଟଙ୍କାରେ ହୋଇଛି। ଏଥିରେ ସ୍ଥାନୀୟ ଅଞ୍ଚଳର କେତେଜଣ ରାଜନେତାଙ୍କ ସମ୍ପୃକ୍ତି ରହିଥିବା କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲାର କେତେଜଣ ମତ୍ସ୍ୟଜୀବୀ ସୂଚନା ଦେଇଛନ୍ତି। ଗତବର୍ଷ କେତେକ ଅସାଧୁ କର୍ମଚାରୀଙ୍କ ସହଯୋଗରେ ବାଲେଶ୍ୱର ଟ୍ରଲର ମାଲିକମାନେ ନିଷିଦ୍ଧାଞ୍ଚଳରୁ ମାଛ ମାରିବା ସହ ସମୁଦ୍ର ମଝିରେ ମାଛହାଟ କରିବା ପାଇଁ ୭୨ ଲକ୍ଷ ଟଙ୍କା ବେଆଇନ ଡିଲ କରିଥିଲେ। ଏଥିସହ ଏଭଳି ଡିଲରୁ ବଞ୍ଚିତ ହୋଇଥିବା କେନ୍ଦ୍ରାପଡା ଓ ଜଗତସିଂହପୁର ଜିଲାର ମତ୍ସ୍ୟଜୀବୀମାନେ ବନ ବିଭାଗ ଆକ୍ରୋଶର ଶିକାର ହୋଇ ଗିରଫ ହୋଇଥିଲେ। ସେହିପରି କେତେଜଣ ପରିବେଶବିତ ଏହି ଡିଲକୁ ନେଇ ଗହୀରମଥାର ଭବିଷ୍ୟତ ପ୍ରତି ସନ୍ଦିହାନ ହୋଇଛନ୍ତି। ଏପରି କି ବିଗତ ବର୍ଷରେ ଅଲିଭ ରିଡଲେଙ୍କ ଆଗମନର ପ୍ରକୃତ ସଂଖ୍ୟା ବନ ବିଭାଗ ଦର୍ଶାଉ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ନିଷିଦ୍ଧାଞ୍ଚଳରେ ଏଭଳି ଟ୍ରଲର କାରବାର ଚାଲିଲେ ଆଗାମୀ ଦିନରେ ଅଲିଭ ରିଡଲେ ଏଠାକୁ ଆସିବେ ନାହିଁ ବୋଲି ସେମାନେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଡିଏଫ୍‌ଓ ବିମଳ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ଏଭଳି ଡିଲ କେବେ ହୋଇନାହିଁ। ନିଷିଦ୍ଧାଞ୍ଚଳରେ କୌଣସି ମତ୍ସଜୀବୀ ମାଛ ସଂଗ୍ରହ କରୁଥିବା ନଜରକୁ ଆସିଲେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସ୍ଥାନୀୟ ଅଞ୍ଚଳରେ ଏହା ଏକ ଅପପ୍ରଚାର ବୋଲି ଡିଏଫ୍‌ଓ ଆଚାର୍ଯ୍ୟ କହିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର ଶନିବାର, ୨୭ ଅକ୍ଟୋବର,୨୦୧୮



## ସଂକ୍ଷେପରେ

### ଉତ୍ସବମୁଖର ଚଉଦକୁଲାଟ

**କେନ୍ଦ୍ରାପଡା ଅଫିସ୍, ୨୬।୧୦:** କେନ୍ଦ୍ରାପଡା ଜିଲାର ଗଣପର୍ବ ଗଜଲକ୍ଷ୍ମୀ ପୂଜା ଚଉଦକୁଲାଟଠାରେ ମହାସମାରୋହରେ ପାଳିତ ହେଉଛି। ଚନ୍ଦନପୁର ଗଜଲକ୍ଷ୍ମୀ ପୂଜା ମଣ୍ଡପ ସହ ହାଇସ୍କୁଲ ନିକଟସ୍ଥ ଅନନ୍ତ ଶୟନ ମଣ୍ଡପ, ବଜାରର ମଧ୍ୟଭାଗରେ ଥିବା ପଦ୍ମାଳୟା ପୂଜା କମିଟି, ବସଷ୍ଟାଣ୍ଡରେ ଟାଉନ କ୍ଲବ, ଥାନପତି ପୂଜା କମିଟି ଓ ହାଟପଡ଼ିଆଠାରେ ଗ୍ରାଣ୍ଡ ପୂଜା କମିଟି ପକ୍ଷରୁ ମା'ଲକ୍ଷ୍ମୀଙ୍କ ମୃଣ୍ମୟୀ ମୂର୍ତ୍ତି ଷୋଡ଼ଶ ଉପଚାରରେ ପୂଜା ହେଉଛି। କୁମାର ପୂର୍ଣ୍ଣିମାଠାରୁ ଜିଲାର ବିଭିନ୍ନ ସ୍ଥାନରେ ଗଜଲକ୍ଷ୍ମୀ ପୂଜା ଆରମ୍ଭ ହୋଇଥିବା ବେଳେ ଚଉଦକୁଲାଟ ବଜାର ଆଖପାଖ ଅଞ୍ଚଳରେ ବିଭିନ୍ନ ତୋରଣ ଓ ସାଜସଜ୍ଜା ଶ୍ରଦ୍ଧାଳୁଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛି। ଆଲୋକମାଳାରେ ସମ୍ପୂର୍ଣ୍ଣ ବଜାର ଆଲୋକିତ କରାଯାଇଛି। ଏଥିସହ ପ୍ରତ୍ୟେକ ସନ୍ଧ୍ୟାରେ ପୂଜା ମଣ୍ଡପ ନିକଟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବାରୁ ବଜାରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି।

### ଚୋରା ମଦ ଜବତ, ୨ ଗିରଫ

**ଡେରାବିଶ, ୨୬।୧୦ (ସ୍ୱ.ପ୍ର.):** କେନ୍ଦ୍ରାପଡ଼ା ସଦର ଥାନା ତଥା ଚାନ୍ଦୋଳ ଫାଣ୍ଡି ଅଧୀନ ଗଣେଶପୁରଠାରେ ୨ ଜଣ ଚୋରା ମଦ ବ୍ୟବସାୟୀଙ୍କୁ ଶୁକ୍ରବାର ଗିରଫ କରାଯାଇଛି। ଏଥିସହ ସେମାନଙ୍କଠାରୁ ୧୦୦ ଟି ଆଷ୍କା ଫର୍ଟି ମଦ ବୋତଲ ଜବତ କରାଯାଇଛି। ଗିରଫ ବ୍ୟବସାୟୀ ଦ୍ୱୟ ହେଲେ ମାହାଙ୍ଗା ଥାନା ଅଧୀନ ହଳଦିଆ ଗ୍ରାମର ରାଜୁ ମଲିକ ଓ ଅଜୟ କୁମାର ମଲିକ। ରାଜୁ ଓ ଅଜୟ ଚୋରାରେ ମଦ ବୋତଲ ଆଣି ବିକ୍ରି କରିବାକୁ ନେଉଥିବା ଖବରପାଇ ଚାନ୍ଦୋଳ ଫାଣ୍ଡି ଅଧିକାରୀ ରଣେନ୍ଦ୍ର କୁମାର ସାମଲ ସଦଳବଳ ପହଞ୍ଚି ମଦ ଜବତ କରିବା ସହ ଉଭୟଙ୍କୁ କାବୁ କରିଥିଲେ। ଏ ନେଇ କେନ୍ଦ୍ରାପଡ଼ା ସଦର ଥାନାରେ ୩୧୬/୧୮ନଂ. ରେ ଏକ ମାମଲା ରୁଜୁ ହୋଇଛି।

### ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ

**ଆଳି, ୨୬।୧୦ (ଡି.ଏନ୍.ଏ.)** ଆଳି ବ୍ଲକ ମେଣ୍ଢପୁର ପଞ୍ଚାୟତ ହାଇସ୍କୁଲ ଓ ମହମ୍ମଦ ହସିମୁଦ୍ଦିନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶୁକ୍ରବାର ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଳି ଏବିଇଓ ପ୍ରଦୀପ୍ତ କୁମାର ରଥଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ଆଳି ଶିକ୍ଷା ମଣ୍ଡଳାଧୀଶ ଧ୍ରୁବଚରଣ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମେଣ୍ଢପୁର ପଞ୍ଚାୟତ ହାଇସ୍କୁଲର ପ୍ରଧାନଶିକ୍ଷକ ମନୋରଞ୍ଜନ ମହାନ୍ତି ମୁଖ୍ୟବକ୍ତା, ଏବିଇଓ ପବନୀ କୁମାର ରାଉତ, ଅବସରପ୍ରାପ୍ତ ବିଆରସିସି ମାଗୁଣୀ ଚରଣ ବିଶ୍ୱାଳ, ଶିକ୍ଷାବିତ୍ ବିଏମ୍ ସେନାପତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ ଉପଦେଶମାନ ପ୍ରଦାନ କରିଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ୨୪୯ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ଅପରାହ୍ନରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡା. ମନୋଜ କୁମାର ସେନାପତି ଯୋଗଦେଇଥିଲେ। ପ୍ରମୋଦ କୁମାର ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମୀର ନାୟକ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ସୁଷମାଙ୍କୁ ସହାୟତା

**ଡେରାବିଶ, ୨୬।୧୦ (ସ୍ୱ.ପ୍ର):** ଡେରାବିଶ ବ୍ଲକ ନହଙ୍ଗ ପଞ୍ଚାୟତ ସାରଦେଇପୁର ଗ୍ରାମର ଗଜେନ୍ଦ୍ର ମଲ୍ଲିକଙ୍କ ସ୍ତ୍ରୀ ସୁଷମା (୫୫) ଗତ ଜୁଲାଇରେ ଏକ ବିଷାକ୍ତ ସାପ କାମୁଡ଼ାରେ ଗୁରୁତର ହୋଇଥିଲେ। ସେବେଠାରୁ ସେ କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଥିବା ବେଳେ ଏବେ ଚିକିତ୍ସା ଖର୍ଚ୍ଚ ତୁଲାଇବା ସୁଷମାଙ୍କ ପରିବାର ଲୋକଙ୍କ ପାଇଁ କଷ୍ଟକର ହୋଇଛି। ଫଳରେ ପାଟକୁରା ନିର୍ବାଚନମଣ୍ଡଳୀର ବିଜେଡି ନେତା ତଥା କେନ୍ଦ୍ରାପଡ଼ା କ୍ରେଡିଟ୍ କୋଅପରେଟିଭ୍ ସଂସ୍ଥାର ସଭାପତି ପ୍ରମୋଦ କୁମାର ସାହୁ ସୁଷମାଙ୍କ ଚିକିତ୍ସା ପାଇଁ ଗୁରୁବାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ସହାୟତା ପ୍ରଦାନ ସମୟରେ ନହଙ୍ଗ ସରପଞ୍ଚ ଉମାକାନ୍ତ ନାୟକ, ସମିତିସଭ୍ୟ କ୍ଷେତ୍ରବାସୀ ନାୟକ, ୱାର୍ଡସଭ୍ୟ ନାରାୟଣ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

# କେନ୍ଦ୍ରାପଡ଼ା ଜିଲାର ବିଭିନ୍ନ ସ୍ଥାନରେ ଗଜଲକ୍ଷ୍ମୀ ପୂଜାର ଝଲକ


ଛତ୍ରପାଟଣା


ଚଉଦକୁଲାଟ


ଦୁହୁରିଆ


ଗରାପୁର


ମ୍ୟୁନିସିପାଲିଟି(କେନ୍ଦ୍ରାପଡ଼ା)


ଶାନ୍ତିକମିଟି ମଣ୍ଡପ (ଡେରାବିଶ)


ପାଟଣାସାହି


ଜେନାସାହି (ଡେରାବିଶ)


କୁଣ୍ଡଛକ ତୋରଣ (ମାର୍ଶାଘାଇ)


ଦସିପୁର ମଣ୍ଡପ (ଆଳି)


ସଦ୍‌ଭାବନା ୟୁଥ କ୍ଲବ (କେନ୍ଦ୍ରାପଡ଼ା)


ମାର୍ଶାଘାଇ ଲକ୍ ଛକ


ସାନ ମଙ୍ଗଳା


ଖଡିଅଙ୍ଗ


ସଦ୍‌ଭାବନା କ୍ଲବ (କେନ୍ଦ୍ରାପଡ଼ା)

## କେନ୍ଦ୍ରାପଡ଼ାରେ ଗଜଲକ୍ଷ୍ମୀ ପୂଜୋତ୍ସବ

# ରଙ୍ଗିନ ଆଲୋକରେ ଝଲସୁଛି ଗାଁଠୁ ସହର

**କେନ୍ଦ୍ରାପଡା ଅଫିସ, ୨୬।୧୦**

କେନ୍ଦ୍ରାପଡ଼ାର ଗଣପର୍ବ ଗଜଲକ୍ଷ୍ମୀ ପୂଜୋତ୍ସବର ଶୁକ୍ରବାର ଥିଲା ତୃତୀୟ ଦିବସ। ପାଗ ଅନୁକୂଳ ଥିବାରୁ ଚଳିତ ବର୍ଷ ପୂଜା ଆରମ୍ଭ ଦିନଠାରୁ ବିଭିନ୍ନ ମଣ୍ଡପରେ ଶ୍ରଦ୍ଧାଳୁଙ୍କ ଭିଡ ଜମୁଛି। ଘିଅ ଦୀପ, ଝୁଣା, ଗୋଗୁଳ ଓ କର୍ପୂରରେ ମା'ଙ୍କ ପୂଜାର୍ଚ୍ଚନା ଚାଲିଛି। ଆଧ୍ୟାତ୍ମିକ ପରିବେଶ ସହିତ ରଙ୍ଗବେରଙ୍ଗ ଆଲୋକମାଳା ପାର୍ବଣ ମାହୋଲକୁ ଆହୁରି ଚଳଚଞ୍ଚଳ କରିଛି। ସନ୍ଧ୍ୟା ସମୟରେ ବିଭିନ୍ନ ମଣ୍ଡପ ପାର୍ଶ୍ୱରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ସହରର ବିଭିନ୍ନ ସ୍ଥାନରେ ଭଜନ, ଜଣାଣ, ମେଲୋଡି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏଥିସହ ସହରର ପ୍ରତ୍ୟେକ ସ୍ଥାନରେ ରଙ୍ଗିନ ଆଲୋକ ସହ ତୋରଣ ଶ୍ରଦ୍ଧାଳୁଙ୍କ ମନ ମୋହୁଛି। ସେହିପରି ସହର ସାରା ଉଠା ଦୋକାନୀଙ୍କ ଭିଡ଼ ଲାଗିଛି। ବେଲୁନ, ପ୍ଲାଷ୍ଟିକ ଖେଳନାଠାରୁ ଆରମ୍ଭ କରି ବଡ଼ବଡ଼ ଫେଶନ ବଜାର ଓ ଗୁପଚୁପ ଚାଟ ଆଦି ଦୋକାନରେ ନାହିଁ ନଥିବା ଭିଡ଼ ଜମୁଛି। ସହରରେ ଚଳିତ ବର୍ଷ ମେଢ଼ କମିଟି ପକ୍ଷରୁ ସୁନା ଚାନ୍ଦିକୁ ଗୁରୁତ୍ୱ ଦେଇ ମେଢ଼ ସାଜସଜା କରାଯାଇଛି।

**ଭାଇଚାରାର ପର୍ବ**

କେନ୍ଦ୍ରାପଡ଼ାରେ ବହୁ ସମ୍ପ୍ରଦାୟର ଲୋକେ ବସବାସ କରନ୍ତି। ଏଥିସହିତ ଜିଲା ଓ ବାହାର ଜିଲାରୁ ଏହି ଗଣପର୍ବ ଉପଭୋଗ କରିବା ପାଇଁ ଲୋକମାନେ ସହରରେ ପହଞ୍ଚିଥାନ୍ତି। ଏଥିପାଇଁ ସମସ୍ତ ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟର ଲୋକେ ଗଜଲକ୍ଷ୍ମୀ ପୂଜାକୁ ମନଭରି ଉପଭୋଗ କରନ୍ତି। ଠାକୁର ପୂଜାଠାରୁ ଆରମ୍ଭ କରି ଭସାଣି ପର୍ଯ୍ୟନ୍ତ ଉଭୟ ବର୍ଗର ଲୋକେ ସାମିଲ ହୋଇଥାନ୍ତି। ଏହି ପର୍ବରେ ସାହି ମୁରବି, ଜିଲା ପ୍ରଶାସନ, ପୋଲିସ ପ୍ରଶାସନର ସଦସ୍ୟ ସମସ୍ତଙ୍କୁ ଏକାଠି ଦେଖିବାକୁ ମିଳୁଛି।

**ଖେଳଣା ବଜାର ଜମୁଛି**

ଅପରାହ୍ନରୁ ମଧ୍ୟରାତି ପର୍ଯ୍ୟନ୍ତ ସହରର ବିଭିନ୍ନ ସ୍ଥାନରେ ଖେଳଣା ବଜାରରେ ଭିଡ଼ ଦେଖିବାକୁ ମିଳୁଛି। ରଙ୍ଗ ବେରଙ୍ଗର ବେଲୁନ ସହିତ ବିଭିନ୍ନ ଇଲେକଟ୍ରୋନିକ୍ସ ଖେଳଣା ଦୋକାନରେ ଛୋଟ ଛୁଆଙ୍କଠାରୁ ଯୁବବର୍ଗଙ୍କ ଭିଡ଼ ଜମୁଛି। ପୂଜୋତ୍ସବର ତୃତୀୟ ଦିନରେ ପାଗ ଭଲ ଥିବାରୁ ଶ୍ରଦ୍ଧାଳୁମାନେ ସହରର ଆଖି ଝଲସା ତୋରଣ ଓ ସାଜସଜାକୁ ଉପଭୋଗ କରୁଛନ୍ତି।

**ପୂଜ୍ୟପୂଜାକୁ ଅସମ୍ମାନ**

ସହର ମଧ୍ୟରେ ବହୁ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହୋଇଛି। ବିଭିନ୍ନ ଉତ୍ସବ, ଦିବସରେ ସମ୍ମାନର ସହ ଏହି ବରପୁତ୍ରଙ୍କୁ ମନେପକାଇବା ସହ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଏ। ତେବେ ଏହି ବରପୁତ୍ରଙ୍କ ପୀଠସ୍ଥଳୀ ଚାଟ, ଗୁପଚୁପ, ପ୍ଲାଷ୍ଟିକ ଖେଳନା ସାମଗ୍ରୀ, ଉଠା ଲୁଗାଦୋକାନୀଙ୍କ କବ୍‌ଜାକୁ ଚାଲିଯାଇଛି। ସବୁବେଳେ ଏପରି ଦୃଶ୍ୟ ଦେଖା ଯାଉଥିବା ବେଳେ ପୂଜା ସମୟରେ ଏହି ପୀଠସ୍ଥଳଗୁଡିକ ଅଇଁଠା ପତ୍ର ଓ ଠୋଲାରେ ଭରପୂର ହେଉଛି। ଏହାଦ୍ୱାରା ପରିବେଶ ଦୂଷିତ ହେବା ସହ ଏହା ପୂଜ୍ୟପୂଜାଙ୍କୁ ଅସମ୍ମାନ ବୋଲି ବହୁ ବୁଦ୍ଧିଜୀବୀ କହିଛନ୍ତି। ପୁରୁଣା ବସଷ୍ଟାଣ୍ଡରେ ମହାତ୍ମା ଗାନ୍ଧୀ, ନେତାଜୀ, ଆମ୍ବେଦକର, ତିନିମୁହାଣିରେ ଯଦୁମଣି ମଙ୍ଗରାଜ, କେନ୍ଦ୍ରାପଡ଼ା ତହସିଲ ଛକରେ ଦୀନବନ୍ଧୁ ସାହୁ, ନୂଆ ବସଷ୍ଟାଣ୍ଡରେ ବିଜୁ ପଟ୍ଟନାୟକ ଓ ମେଡିକାଲ ଛକର ସରୋଜକାନ୍ତ କାନୁନ୍‌ଗୋଙ୍କ ପ୍ରତିମୂର୍ତ୍ତି ନିକଟରେ ଏପରି ଅବସ୍ଥା ଦେଖିବାକୁ ମିଳୁଛି।

## ପଲ୍ଲୀରଘୁନାଥପୁରରେ ୭ ମଣ୍ଡପରେ ମା'ଗଜଲକ୍ଷ୍ମୀ

# ଭାଇଚାରା ସୁଦୃଢ଼ କରିଛି ଲକ୍ଷ୍ମୀପୂଜା

**ଡେରାବିଶ, ୨୬।୧୦ (ସ୍ୱ.ପ୍ର)**

କୁମାର ପୂର୍ଣ୍ଣିମା ଦିନଠାରୁ ଆରମ୍ଭ ହୋଇଛି ମା'ମହାଲକ୍ଷ୍ମୀଙ୍କ ପୂଜା। ଏ ନେଇ ଚଳଚଞ୍ଚଳ ହୋଇଛି ଡେରାବିଶ ବ୍ଲକ ଅଞ୍ଚଳ। ବ୍ଲକ ଅଞ୍ଚଳର ପ୍ରାୟ ୬୦ଟି ମଣ୍ଡପରେ ଲକ୍ଷ୍ମୀଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ପାଉଥିବା ବେଳେ ଏହା ଏବେ ଗଣପର୍ବରେ ପରିଣତ ହୋଇଛି। ଶୁକ୍ରବାର ଥିଲା ଏହି ପୂଜାର ତୃତୀୟ ଦିବସ। ଦିନସାରା ବିଭିନ୍ନ ମଣ୍ଡପ ନିକଟରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଥିବା ବେଳେ ସନ୍ଧ୍ୟାରେ ଶ୍ରଦ୍ଧାଳୁଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଏ ନେଇ ଚଳଚଞ୍ଚଳ ହୋଇଛି ନହଙ୍ଗ ପଞ୍ଚାୟତ ପଲ୍ଲୀରଘୁନାଥପୁର ଗ୍ରାମ। ଗ୍ରାମର ମୋଟ ୭ଟି ମଣ୍ଡପରେ ମା'ଗଜଲକ୍ଷ୍ମୀ ପୂଜା ପାଉଛନ୍ତି। ଏହି ଗ୍ରାମର ଷଣ୍ଢବଜାର, ଜେନାସାହି, ସିଂହସାହି, ଶାନ୍ତି କମିଟି, ପାଟଣାସାହି, ପାଟଣା ଦଳିତ ସାହି ଓ ସେଠୀସାହିରେ ଲକ୍ଷ୍ମୀଙ୍କ ପୂଜା ଧୁମ୍‌ଧାମ୍‌ରେ ପାଳିତ ହେଉଛି। ପ୍ରତ୍ୟକ ସନ୍ଧ୍ୟାରେ ବିଭିନ୍ନ ପୂଜା ମଣ୍ଡପ ନିକଟରେ ପାରମ୍ପରିକ କୀର୍ତ୍ତନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ସୁସଜ୍ଜିତ ତୋରଣ, ରଙ୍ଗବେରଙ୍ଗର ଆଲୋକମାଳାରେ ଝଲସୁଛି ଗାଁ ଦାଣ୍ଡ। ପୂଜା ସମ୍ପର୍କରେ ଗ୍ରାମର ଶ୍ରୀୟା ରାୟ ଓ ରବୀନ୍ଦ୍ର କୁମାର ଜେନା କୁହନ୍ତି, ପାରମ୍ପରିକ ରୀତିନୀତି ଅନୁସାରେ ମା' ଲକ୍ଷ୍ମୀଙ୍କର ପୂଜାର୍ଚ୍ଚନା ଦୀର୍ଘ ୪୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ହୋଇଆସୁଛି। ଏହି ପୂଜା ଅନୁଷ୍ଠିତ ହେବା ଦିନଠାରୁ ଗ୍ରାମର ବିଭିନ୍ନ କ୍ଷେତ୍ରରେ ଉନ୍ନତି ଘଟିଛି। ଗ୍ରାମର ଗଙ୍ଗାଧର ସାହୁ, ରବିନ୍ଦ୍ର ଦାସ, ସନ୍ତୋଷ କୁମାର ଜେନା ଓ ଅକ୍ଷୟ କୁମାର ବାରିକ କହିଛନ୍ତି, ଏହି ପୂଜା ହେବା ଦ୍ୱାରା ଗ୍ରାମବାସୀଙ୍କ ମଧ୍ୟରେ ଭାଇଚାରା ସମ୍ପର୍କ ସୁଦୃଢ଼ ହୋଇଛି। ତେବେ ସାତଦିନ ଧରି ହେବାକୁଥିବା ଏହି ପୂଜା ଆସନ୍ତା ମଙ୍ଗଳବାର ଉଦ୍‌ଯାପିତ ହେବ।

# କଂଗ୍ରେସରେ ଯୋଗଦେଲେ ୩୦ ବିଜେଡି ପରିବାର


କଂଗ୍ରେସରେ ଯୋଗ ଦେବା ଅବସରରେ ବିଜେଡି ପରିବାର।

**ଆଳି, ୨୬।୧୦ (ଡି.ଏନ୍.ଏ.)**

ଆଳି ବ୍ଲକ ଅଧୀନ କଳସପୁର ପଞ୍ଚାୟତର ଆୟତପୁର ଓ ଜେନାଭଳି ଗ୍ରାମର ୩୦ରୁ ଊର୍ଦ୍ଧ୍ୱ ବିଜେଡ଼ି ପରିବାର ଶୁକ୍ରବାର ବିଧିବଦ୍ଧ ଭାବେ କଂଗ୍ରେସରେ ଯୋଗଦେଇଛନ୍ତି। ବିଧାୟକ ଦେବେନ୍ଦ୍ର ଶର୍ମାଙ୍କ ନିଆଳ ହାଟନସ୍ଥିତ ବାସଭବନରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଆୟତପୁରର ଗୋପବନ୍ଧୁ ଜେନା, ଗୋବିନ୍ଦ ଜେନା, ଗଣେଶ୍ୱର ଜେନା, ଶରତ ଚନ୍ଦ୍ର ମଲିକ, ଜେନାଭଳି ଗ୍ରାମର ମହେଶ୍ୱର ଦାସ, ପାରେଶ୍ୱର ଦାସ, ଧର୍ମେନ୍ଦ୍ର ଦାସ, ଦିଲୀପ ଦାସ, ପ୍ରଦୀପ ଦାସ, ମାନସ ଦାସ, ଶରତ ଦାସ, ସୁବ୍ରତ ଦାସ, ଦଶରଥ ଦାସ, ସୁଶାନ୍ତ ମଲିକ, ସୁମନ୍ତ ମଲିକ, ଗଣେଶ ଦାସ, ବିଜୟ ଜେନା, ସତ୍ୟବ୍ରତ ଦାସ ପ୍ରମୁଖ କଂଗେସରେ ସାମିଲ ହୋଇଥିଲେ। ସେହିପରି ଜେନାଭଳି ଗ୍ରାମର ମହେଶ୍ୱର ଦାସ, ଅକ୍ଷୟ ଜେନା, ବିକାଶ ବାରିକ, ଜୟନ୍ତ ଜେନା, ସତ୍ୟଜିତ କବି, ଜଗନ୍ନାଥ ବାରିକ, ସୁରେନ୍ଦ୍ର ପାତ୍ର, ଦେବେନ୍ଦ୍ର ପାତ୍ର, ବିଭୂତି ଭୂଷଣ ନାୟକ ପ୍ରମୁଖ ବିଧିବଦ୍ଧ ଭାବେ କଂଗ୍ରେସରେ ଯୋଗଦେଇଥିଲେ। କଂଗ୍ରେସରେ ଯୋଗଦେଇଥିବା ନୂତନ କର୍ମୀମାନଙ୍କୁ ବିଧାୟକ ଶର୍ମା ଦଳୀୟ ଗାମୁଛା ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏହି ମିଶ୍ରଣ ପର୍ବରେ ବରିଷ୍ଠ କଂଗ୍ରେସ ନେତା ପର୍ଶୁରାମ ରାଉତରାୟଙ୍କ ସମେତ କଳସପୁର ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ପ୍ରକାଶ ଚନ୍ଦ୍ର ରାଉତ, ଯୁବନେତା ଦେବାନନ୍ଦ ଜେନା, ରଞ୍ଜନ ଦାସ, ପ୍ରମୋଦ ପାଣ୍ଡବ, କ୍ଷୀରୋଦ ପାଣ୍ଡବ ପ୍ରମୁଖ ଉପସ୍ଥିତ ଥିଲେ। ବିଧାୟକ ଶର୍ମା ଏହି ମିଶ୍ରଣ ପର୍ବରେ କହିଥିଲେ ଯେ, ଗତ କିଛି ଦିନ ପୂର୍ବେ ରାଜକନିକା ବ୍ଲକର ୩ ଜଣ ବିଜେଡି ସମର୍ଥିତ ସରପଞ୍ଚ କଂଗ୍ରେସରେ ଯୋଗଦେଇଛନ୍ତି। ଆଗାମୀ ଦିନରେ ଆହୁରି ଅନେକ ବିଜେଡି କର୍ମୀ କଂଗ୍ରେସରେ ଯୋଗଦେବେ।

# ବଞ୍ଚି ରହିଛି ପାଳଭୂତ ପରମ୍ପରା

**ଡେରାବିଶ, ୨୬।୧୦ (ସ୍ୱ.ପ୍ର)**

ଉତ୍କଳୀୟ ପ୍ରାଚୀନ ପରମ୍ପରା ଓ ସଂସ୍କୃତିର ବହୁ ନିଦର୍ଶନ ରହିଛି। ପାର୍ବଣ ଋତୁରେ ଏହି ପରମ୍ପରାର ଝଲକ ବିଭିନ୍ନ ସ୍ଥାନରେ ଦେଖାଯାଉଛି। ଯୁବପିଢ଼ିଙ୍କ ମଧ୍ୟରେ ନୂତନତ୍ୱ ପ୍ରତି ଆଗ୍ରହ ରହିଥିଲେ ମଧ୍ୟ ଡେରାବିଶ ବ୍ଲକ ଅଞ୍ଚଳରେ ପ୍ରାଚୀନ ପରମ୍ପରା ପ୍ରତି ଯୁବପିଢ଼ିଙ୍କ ମନରେ ଆଦର ରହିଥିବା ଦେଖିବାକୁ ମିଳିଛି। କୁମାର ପୂର୍ଣ୍ଣିମା କୁମାରୀଙ୍କ ପର୍ବ ଭାବେ ଜଣାଶୁଣା ଥିବା ବେଳେ ଏହି ଉପଲକ୍ଷେ ଗାଁ ଦାଣ୍ଡରେ ପାଳଭୂତ ବୁଲିବା ପରମ୍ପରା ବିଭିନ୍ନ ସ୍ଥାନରେ ଖୁବ୍ ଉତ୍ସାହର ସହ ପାଳନ କରାଯାଏ। ଡେରାବିଶ ବ୍ଲକର ବିଭିନ୍ନ ଗ୍ରାମରେ ପୂର୍ଣ୍ଣିମା ପରଠାରୁ ୭ଦିନ ପର୍ଯ୍ୟନ୍ତ ଗ୍ରାମର କେତେଜଣ ଯୁବକ ନିଜକୁ ସମ୍ପୂର୍ଣ୍ଣ ଭାବେ ପତ୍ରରେ ଘୋଡେଇବା ସହ ମୁହଁରେ ମୁଖା ଲଗାଇ ଦାଣ୍ଡରେ ବୁଲନ୍ତି। ପାଳଭୂତ ଦେଖିବା ପାଇଁ ଗାଁ ଦାଣ୍ଡରେ ପିଲାଠୁ ବୁଢ଼ା ପର୍ଯ୍ୟନ୍ତ ସମସ୍ତଙ୍କ ଭିଡ଼ ଜମେ। ପାଳଭୂତ ସାଜିଥିବା ଯୁବକମାନେ ଗ୍ରାମର ପ୍ରତିଘରୁ ଚାଉଳ ସଂଗ୍ରହ କରନ୍ତି। ୭ଦିନ ପରେ ଗାଁ ମନ୍ଦିରରେ ରୋଷେଇ କରାଯିବା ସହ ସମସ୍ତେ ଏକାଠି ବସି ଖାଇଥାନ୍ତି। ଏ ସମ୍ପର୍କରେ ଶିଶୁ ସାହିତ୍ୟିକ ସୁଶାନ୍ତ କୁମାର ପାତ୍ର କୁହନ୍ତି, ପାଳଭୂତ ପରମ୍ପରା ସହ ପୌରାଣିକ କଥାବସ୍ତୁ ଜଡ଼ିତ। ଦ୍ୱାପର ଯୁଗରେ ରାଧାକୃଷ୍ଣଙ୍କ ରାହାସ ଉତ୍ସବ ସହ ଏହି ପରମ୍ପରାର ସମ୍ପର୍କ ରହିଥିଲା, ଯାହା ଏବେ ବି କେତେକ ଗାଁ ଗଣ୍ଡାରେ ଅନୁଷ୍ଠିତ ହେଉଛି। ତେବେ ବହୁ ପ୍ରାଚୀନ ପରମ୍ପରା ଡେରାବିଶର ବିଭିନ୍ନ ସ୍ଥାନରେ ଏବେ ବି ଉଜ୍ଜୀବିତ ରହିଛି ବୋଲି ପାତ୍ର କହିଛନ୍ତି।


ଗାଁ ଦାଣ୍ଡରେ ପାଳଭୂତ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୨୭ ଅକ୍ଟୋବର, ୨୦୧୮



ଯେଉଁ ଲୋକ ଗୁଡ଼ାଏ କାମ ହାତକୁ ନିଏ, ସେ ଭଲଭାବରେ କୌଣସିଟିକୁ କରିପାରେ ନାହିଁ।
- ଆର. ଡବ୍ଲ୍ୟୁ. ଇମର୍‌ସନ



## ସଂକ୍ଷେପରେ

### ୨ ବାର୍‌ହା ଶିକାରୀ ଗିରଫ

ଦଶପଲ୍ଲା,୨୬।୧୦ (ଡି.ଏନ.ଏ.): ବାର୍‌ହା ଶିକାର ଉଦ୍ଦେଶ୍ୟରେ ୧୧କେଭି ବିଦ୍ୟୁତ୍ ତାରରେ ହୁକ ପକାଇ ଛକିବସିଥିବା ୨ ଶିକାରୀଙ୍କୁ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ଶୁକ୍ରବାର ଗିରଫ କରାଯାଇଛି। ସେମାନେ ହେଲେ ଦୁର୍ଗାପ୍ରସାଦ ଗ୍ରାମର ସନ୍ତୋଷ ନାୟକ(୨୧) ଓ ଶାଳଭଙ୍ଗା ଗ୍ରାମର ଚନ୍ଦନ କହଁର(୨୪)। ଅଭିଯୁକ୍ତ ଦ୍ୱୟ ଗତ ରାତିରେ ୧୧ କେଭି ବିଦ୍ୟୁତ୍ ତାରରେ ହୁକ ପକାଇ ବାଇଶିପଲ୍ଲୀ ଅଭୟାରଣ୍ୟରେ ତାର ବିଛାଇ ବାର୍‌ହା ଶିକାର ପାଇଁ ଉଦ୍ୟମ କରିଥିଲେ। ଖବର ପାଇ ବାଣିଗୋଛା (ପଶ୍ଚିମ) ବନାଞ୍ଚଳ ଅଧିକାରୀ ସଂସାର ବର୍ଗିଆ, ବନପାଳ ମହେଶ ମେହେର, ବନରକ୍ଷୀ ସୋମନାଥ ପରିଡା ଓ ରାଜ କୁମାର ଶତପଥୀ ପ୍ରମୁଖ ଚଢାଉ କରି ଭୋର ୪ଟାରେ ଏମାନଙ୍କୁ ଗିରଫ କରିଥିଲେ। ଏମାନଙ୍କଠାରୁ ରିଲିଆନ୍ସ ପାଇପ୍ ସହ ବିଦ୍ୟୁତ୍ ତାର, ଜିଆଇ, ଲାଇଟ୍ ଓ ଠେଙ୍ଗା ଜବତ କରାଯାଇ କୋର୍ଟ ଚାଲାଣ କରାଯାଇଛି।

### ଗୀତାଯଜ୍ଞ ଓ ରାସୋତ୍ସବ ଉଦ୍‌ଯାପିତ

ଗଣିଆ,୨୬।୧୦(ଡି.ଏନ.ଏ.): ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତ ମହନାପଦା ଗ୍ରାମରେ ଗତ ୭ ଦିନ ଧରି ଚାଲିଥିବା ଗୀତାଯଜ୍ଞ ଓ ରାସ ଉତ୍ସବର ପୂର୍ଣ୍ଣାହୁତି ଦିବସ ଗୁରୁବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀଙ୍କ ଦ୍ୱାରା ଆୟୋଜିତ ଏହି ୭ମ ବାର୍ଷିକ ରାସ ଉତ୍ସବରେ ପ୍ରତ୍ୟହ ହନୁମାନ ଚାଳିଶା,ଭାଗବତ ପାଠ,ଗୀତାଯଜ୍ଞ ,ନାମ ସଙ୍କୀର୍ତ୍ତନ, ପ୍ରବଚନ ସାଙ୍ଗକୁ ମହାପୁରୁଷ ଶ୍ରୀଅଚ୍ୟୁତାନନ୍ଦଙ୍କ ରଚିତ ରାହାସମାଳା ପାଠ କରାଯାଉଥିଲା । ଏଥିସହ ପ୍ରତ୍ୟହ ସକାଳେ ଓ ସନ୍ଧ୍ୟାରେ ନଗରକୀର୍ତ୍ତନ ସମୟରେ କୁନି କୁନି ପିଲାଙ୍କ ରାଧାକୃଷ୍ଣ ବେଶ ବେଶ୍ ଆକର୍ଷଣୀୟ ହୋଇଥିଲା । ପୂର୍ଣ୍ଣାହୁତି ଅବସରରେ ରାସ ଉତ୍ସବ ସ୍ଥଳରେ ବହୁ ସାଧୁସନ୍ଥ ଓ ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଥିଲା । ଶୁକ୍ରବାର ସନ୍ଧ୍ୟାରେ ଗ୍ରାମର ଜୟ ବଜରଙ୍ଗବାଲି ଯୁବକ ସଂଘର ସଭ୍ୟମାନଙ୍କ ଦ୍ୱାରା ସାମାଜିକ ନାଟକ ପରିବେଷଣ କରାଯାଇଥିଲା ।

### ମୁଁ ହିରୋ ମୁଁ ଓଡିଶା କାର୍ଯ୍ୟକ୍ରମ



ଦଶପଲ୍ଲା,୨୬।୧୦ (ଡି.ଏନ.ଏ.): ରାଜ୍ୟ ସରକାରଙ୍କ ମୁଁ ହିରୋ ମୁଁ ଓଡିଶା କାର୍ଯ୍ୟକ୍ରମ ଶୁକ୍ରବାର ଦଶପଲ୍ଲା ବ୍ଲକର ଘୋଳାହାଣ୍ଡି ପଞ୍ଚାୟତଠାରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମପଞ୍ଚ ଉଷା ଦେଈ, ସମିତିସଭ୍ୟା ସୁଲୋଚନା ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଜୁ ଯୁବବାହିନୀର କର୍ମକର୍ତ୍ତା, ସଦସ୍ୟ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଜୁ ଯୁବବାହିନୀ ସଭାପତି ସୁଧାଂଶୁ ଶେଖର ପ୍ରଧାନ ଓ ସମ୍ପାଦକ ଉମାଶଙ୍କର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଞ୍ଚାୟତର ବହୁ ଜନସାଧାରଣ ଉପସ୍ଥିତ ଥିଲେ।

### ଛାତ୍ରୀଛାତ୍ରଙ୍କ ମନରେ ଆତ୍ମବିଶ୍ୱାସ ବୃଦ୍ଧିକରେ ସୁରଭି

ଗଣିଆ,୨୬।୧୦(ଡି.ଏନ.ଏ.): ସୁରଭି କାର୍ଯ୍ୟକ୍ରମ ଛାତ୍ରୀଛାତ୍ରଙ୍କ ମନରେ ଆତ୍ମବିଶ୍ୱାସ ବୃଦ୍ଧି କରିଥାଏ । ଏଥିସହ ପ୍ରତ୍ୟେକ ଛାତ୍ରୀଛାତ୍ର ପାଠପଢା ସାଙ୍ଗକୁ ଉତ୍ତମ ଚରିତ୍ର ଗଠନ ପାଇଁ ଉଦ୍ୟମ ରଖିବା ଆବଶ୍ୟକ ବୋଲି ମୁଖ୍ୟଅତିଥି କହିଥିଲେ । ଗଣିଆସ୍ଥିତ କିଶୋରଚନ୍ଦ୍ର ନୋଡାଲ ବିଦ୍ୟାପୀଠ ପରିସରରେ ଶୁକ୍ରବାର ବ୍ଲକ ସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଗଣିଆ ବ୍ଲକ ଅଧ୍ୟକ୍ଷ ଶେଷଦେବ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ବ୍ଲକ ଶିକ୍ଷା ଅଧିକାରୀ ପ୍ରସନ୍ନ କୁମାର ଦାଶ ଉଦ୍‌ଯାପନୀ ସଭାରେ ସଭାପତିତ୍ୱ କରିଥିଲେ । ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ମହେଶ୍ୱର ମହାରଣା,ଗଣିଆ ସମିତି ସଭ୍ୟା ସନ୍ଧ୍ୟାରାଣୀ ସାହୁ, ଏବିଇଓ ପ୍ରସନ୍ନ ସାହୁ,ରାଜକିଶୋର ମହାରଣା ପ୍ରମୁଖ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଗଣିଆ ବ୍ଲକର ୬ଟି କ୍ଲଷ୍ଟରରୁ ପ୍ରାୟ ୨୦୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ନୃତ୍ୟ, ଗୀତ, ଚିତ୍ରାଙ୍କନ, ବକ୍ତୃତା ଆଦି ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ସେଥିମଧ୍ୟରୁ ୩୪ଜଣଙ୍କୁ ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ମନୋନୀତ କରାଯାଇଥିବା ସୂଚନା ମିଳିଛି।

## ■ ବିଦ୍ୟୁତ୍ ଆଘାତରେ ଚାଷୀ ମୃତ

# ମୃତଦେହ ରଖି ରାଜପଥ ଅବରୋଧ

ନୂଆଗାଁ,୨୬।୧୦(ଡି.ଏନ.ଏ.)

ନୟାଗଡ ଜିଲା ନୂଆଗାଁ ବ୍ଲକ ଖାଲମଡା ଗ୍ରାମର ଜଣେ ଚାଷୀ ଜମିକୁ କାମ କରିବା ପାଇଁ ଯାଇଥିବାବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ପ୍ରାଣ ହରାଇଛନ୍ତି। ମୃତକ ହେଲେ ଖାଲମଡା ଗ୍ରାମର ନିରଞ୍ଜନ ପ୍ରଧାନ (୫୨)। ତାଙ୍କ ମୃତ୍ୟୁ ପରେ ଖାଲମଡା ଗ୍ରାମର ଶତାଧିକ ଲୋକ କ୍ଷତିପୂରଣ ଦାବିକରି ଜାତୀୟ ରାଜପଥରେ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ।

ପ୍ରକାଶ ଯେ, ନିରଞ୍ଜନ ଗାଁ ପାଖ ଜମିକୁ ସକାଳ ୬ଟାରେ କାମ କରିବା ପାଇଁ ଯାଇଥିବାବେଳେ ପୂର୍ବରୁ ଛିଣ୍ଡି ପଡିଥିବା ୧୧ କେଭି ବିଦ୍ୟୁତ୍ ତାର ତାଙ୍କ ଗୋଡରେ ଲାଗିଯାଇଥିଲା। ଫଳରେ ବିଦ୍ୟୁତ୍ ସଂସ୍ପର୍ଶରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା । ଗ୍ରାମର କିଛି ଲୋକ ସେହି ବାଟ ଦେଇ ଯାଉଥିବାବେଳେ ନିରଞ୍ଜନ ନିସ୍ତେଜ ହୋଇ ପଡିଥିବା ଦେଖି ଅନ୍ୟମାନଙ୍କୁ ଡାକିଥିଲେ। ତୁରନ୍ତ ବିଦ୍ୟୁତ୍ ବିଭାଗକୁ ଖବର ଦେଇ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଇଥିଲେ। ବିଦ୍ୟୁତ୍ ବିଭାଗର ଅଧିକାରୀ ଘଟଣାସ୍ଥଳକୁ ଆସି ମୃତକଙ୍କୁ ଦେଖିବା ପରେ ଗ୍ରାମବାସୀ ବ୍ୟବଚ୍ଛେଦ ପାଇଁ ପଠାଇବେ ବୋଲି କହିଥିଲେ । କେହି ଅଧିକାରୀ ନ ଆସିବାରୁ ବିଭାଗୀୟ ଏସଡିଓଙ୍କୁ ଜଣାଇଥିଲେ । ଦୀର୍ଘସମୟ ବିତିଯାଇଥିଲେ ମଧ୍ୟ ଏସଡିଓ ଘଟଣା ସ୍ଥଳକୁ ଯାଇ ନ ଥିଲେ । ଫଳରେ ଗ୍ରାମବାସୀ ଅତିଷ୍ଠ ହୋଇ ମୃତଦେହ ଧରି ସେସୁ ଅଫିସ ସମ୍ମୁଖ ୫୭ ନଂ ଜାତୀୟ ରାଜପଥକୁ ଅବରୋଧ କରିଥିଲେ । ଘଟଣାସ୍ଥଳରେ ବିଦ୍ୟୁତ୍ ବିଭାଗର ଅଧିକାରୀ ଆସି କ୍ଷତିପୂରଣ ରାଶି ଘୋଷଣା କଲେ ରାସ୍ତା ଅବରୋଧ ପ୍ରତ୍ୟାହୃତ କରିବେ ବୋଲି ଜିଦ୍ ଧରି ବସିଥିଲେ ମଧ୍ୟ ପୂର୍ବାହ୍ନ ୯ ଟାରୁ ମଧ୍ୟାହ୍ନ ୧୨ଟା ଯାଏ ବିଭାଗୀୟ କୌଣସି ଅଧିକାରୀ ଘଟଣା ସ୍ଥଳକୁ ଆସି ନ ଥିଲେ । ନୟାଗଡ ଏସଡିପିଓ ରାମଚନ୍ଦ୍ର ସାହୁ ଘଟଣାସ୍ଥଳକୁ ଯାଇ ଲୋକଙ୍କଠାରୁ ସବୁ ଶୁଣିବା ପରେ ନୟାଗଡ ବିଦ୍ୟୁତ୍ ବିଭାଗ ନିର୍ବାହୀ ଯନ୍ତ୍ରୀ ସୁଜିତ କୁମାର ସାହୁଙ୍କୁ ଡକାଇଥିଲେ। ପରେ ନୂଆଗାଁ ତହସିଲଦାର ସୁଧାକର ସାମନ୍ତରାୟ, ନୟାଗଡ ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦିଲୀପ କୁମାର ସାହାଣୀ, ନୂଆଗାଁ ଥାନା ଆଇଆଇସି ଏସ. ଏଫ୍. ଆଲାମ ପ୍ରମୁଖ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ । ଆନ୍ଦୋଳନକାରୀଙ୍କ ମଧ୍ୟରୁ କେତେକ ପୁରୁଖାଲୋକଙ୍କ ସହ ବିଭାଗୀୟ ଅଧିକାରୀମାନେ ନୂଆଗାଁ ବ୍ଲକ ସଭାଗୃହ ମଧ୍ୟରେ ଆଲୋଚନା କରିଥିଲେ। ବିଦ୍ୟୁତ୍ ବିଭାଗ ତରଫରୁ ୫୦ ହଜାର, ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ପରିବାର ସଦସ୍ୟଙ୍କୁ ଦିଆଯିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।



ମୃତଦେହ ରଖି ଜାତୀୟ ରାଜପଥ ଅବରୋଧ କରାଯାଇଛି।

## ■ ଭିଡିଓ ଭାଇରାଲ୍‌କୁ ନେଇ ଚର୍ଚ୍ଚା

# ଜିଲା ମୁଖ୍ୟ ଚିକିତ୍ସାଳୟରେ ତନ୍ତ୍ର ଚିକିତ୍ସା

ନୟାଗଡ଼ ଅଫିସ,୨୬।୧୦

■ ଡେଉଁରିଆ ପିନ୍ଧିବାକୁ ଦେଇ ନେଲେ ୨୦୦୦ ଟଙ୍କା

■ ମେଡିକାଲ କର୍ତ୍ତୃପକ୍ଷଙ୍କ କାର୍ଯ୍ୟକୁ ନେଇ ଉଠିଲା ପ୍ରଶ୍ନ

କିଛିଦିନର ବ୍ୟବଧାନ ପରେ ପୁନର୍ବାର ଚର୍ଚ୍ଚାର ପରିସରକୁ ଆସିଛି ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ। ମାସେ ତଳେ ଜଣେ ଷ୍ଟାଫନର୍ସ ରୋଗୀଙ୍କ ସମ୍ପର୍କୀୟଙ୍କଠାରୁ ଟଙ୍କା ଦାବି କରିଥିବା ଭିଡ଼ିଓ ଭାଇରାଲ୍ ଘଟଣା ନେଇ ଚର୍ଚ୍ଚା ଥମି ନ ଥିବାବେଳେ ଶୁକ୍ରବାର ଜଣେ ରୋଗୀଙ୍କୁ ଗୁଣିଆ ତନ୍ତ୍ର ମାଧ୍ୟମରେ ଚିକିତ୍ସା କରୁଥିବା ଭିଡିଓ ଦେଖିବାକୁ ମିଳିଛି। ଭାଇରାଲ୍ ହୋଇଥିବା ଭିଡ଼ିଓରେ ଓଡ଼ଗାଁ ବ୍ଲକ ଦରପଦା ଗ୍ରାମର ଜଣେ ତାନ୍ତ୍ରିକ (ଗୁଣିଆ) ଜିଲା ମାତୃ ଓ ଶିଶୁ ଚିକିତ୍ସାଳୟକୁ ସନ୍ଧ୍ୟା ସମୟରେ ଆସିଥିଲେ। ତାଙ୍କୁ ଦେଖି ସେଠାରେ ଚିକିତ୍ସିତ ହେଉଥିବା ଜଣେ ମହିଳା ତାଙ୍କ ପାଖକୁ ଆସିଥିଲେ। ତାନ୍ତ୍ରିକ ଜଣକ ଚିକିତ୍ସାଳୟରେ ପଡ଼ିଥିବା ଟେବୁଲ୍‌ରେ ବସି ପୂଜାପାଠ କରିଥିଲେ। ପ୍ରଥମେ ଏକ ବହି ଖୋଲି ପଢ଼ିଥିଲେ। ପରେ ଆଣିଥିବା ଏକ ଡେଉଁରିଆକୁ ପୂଜା କରି ମହିଳାଙ୍କୁ ପିନ୍ଧିବାକୁ ଦେଇଥିଲେ। ମହିଳା ଜଣଙ୍କୁ ଝଡ଼ାଫୁଙ୍କା କରିଥିଲେ। ପାଖରେ ଅଗ୍ନି ନିରୋଧକ ଯନ୍ତ୍ର ଥିଲେ ମଧ ତାନ୍ତ୍ରିକ ସେ ଦିଗ ପ୍ରତି ଧ୍ୟାନ ଦେଇ ନ ଥିଲେ। ପୂଜାପାଠ ପରେ ରୋଗୀଙ୍କ ସମ୍ପର୍କୀୟଙ୍କଠାରୁ ତାନ୍ତ୍ରିକ ଡେଉଁରିଆ ବାବଦରେ ୨୦୦୦ ଟଙ୍କା ନେଉଥିବା ଦୃଶ୍ୟ ମଧ ଦେଖାଯାଇଥିଲା। ପାଖରେ ସିକ୍ୟୁରିଟି ଗାର୍ଡ଼ ଥିଲେ ମଧ ଏ ନେଇ କୌଣସି ପ୍ରତିବାଦ କରି ନ ଥିଲେ। ଏ ନେଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଫଣୀନ୍ଦ୍ର କୁମାର ପାଣିଗ୍ରାହୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ମତାମତ ମିଳିପାରି ନ ଥିଲା। ଏହି ଘଟଣା ଜିଲା ଚିକିତ୍ସାଳୟର କର୍ତ୍ତୃପକ୍ଷଙ୍କ କାର୍ଯ୍ୟାବଳୀ ଉପରକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି।

## ଏମ୍‌ଜିଏନ୍‌ଆରଇଜିଏସ୍ ଜନଶୁଣାଣି ଶିବିର

# ୨୩ ପରିବାର ଶହେଦିନର କାର୍ଯ୍ୟ ସମ୍ପୂର୍ଣ୍ଣ କରିଛନ୍ତି




ଶିବିରରେ ମଞ୍ଚାସୀନ ଅତିଥି।

ଦଶପଲ୍ଲା,୨୬।୧୦ (ଡି.ଏନ.ଏ.)

ଦଶପଲ୍ଲା ପଞ୍ଚାୟତ ସମିତି ସଭାଗୃହରେ ଶୁକ୍ରବାର ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପଜିଲାପାଳ ଜିତେନ୍ଦ୍ର କୁମାର ସାହୁ, ଏବିଡିଓ ଦିବ୍ୟସିଂହ କହଁର, ସହକାରୀ ଯନ୍ତ୍ରୀ ଆଦିତ୍ୟ କୁମାର ଜେନା, ଜିପିଓ ଧର୍ମରାଜ ପରିଡା ପ୍ରମୁଖ ଯୋଗଦେଇ ଯୋଜନାର ଲକ୍ଷ୍ୟ ଓ ସଫଳତା ସମ୍ପର୍କରେ ଆଲୋଚନା କରିଥିଲେ। ଏପିଓ ଇତିଶ୍ରୀ ଦାଶ ପୂର୍ବ ବିବରଣୀ ପାଠ ସହ ଯୋଜନାରେ କରାଯାଇଥିବା ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ମିଳିଥିବା ତଥ୍ୟ ମୁତାବକ ବ୍ଲକରେ ମୋଟ ୧୭,୮୬୧ଟି ଜବ୍‌କାର୍ଡ ପ୍ରଦାନ କରାଯାଇଛି। ୧୮,୦୭୭ ପରିବାରରୁ ୫୨,୨୩୯ ଜଣ ଶ୍ରମିକ ପଞ୍ଜୀକୃତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨୨ ହଜାର ୪୬ ଜଣ ଶ୍ରମିକ କାର୍ଯ୍ୟ କରୁଥିବା ଜଣାପଡିଛି। ବର୍ତ୍ତମାନ ସୁଦ୍ଧା ୨୦,୯୪୫ଟି ଜବ୍‌କାର୍ଡ ଆଧାର ସଂଯୋଗ କରାଯାଇଛି। ୧୧,୬୫୧ ଜଣ ଶ୍ରମିକ ଆବେଦନ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୧୧,୬୪୨ ଜଣଙ୍କୁ କାମ ଯୋଗାଇ ଦିଆଯାଇଛି। ୨୩ ଗୋଟି ପରିବାର ଶହେ ଦିନର କାର୍ଯ୍ୟ ସମ୍ପୂର୍ଣ୍ଣ କରିଛନ୍ତି। ୨୪୯୫ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିବା ବେଳେ ୩୧୦୨ଟି ପ୍ରକଳ୍ପ କାର୍ଯ୍ୟ ଚାଲୁରହିଛି।

## କ୍ଲଷ୍ଟରସ୍ତରୀୟ ସୁରଭି ମହୋତ୍ସବ

ଦଶପଲ୍ଲା,୨୬।୧୦ (ଡି.ଏନ.ଏ.)

ସ୍ଥାନୀୟ ବାରପୁରିକିଆ ପ୍ରାଥମିକ ବିଦ୍ୟାଳୟଠାରେ ପାଟପୁର ପାଟଣା କ୍ଲଷ୍ଟର ପକ୍ଷରୁ କ୍ଲଷ୍ଟରସ୍ତରୀୟ ସୁରଭି ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ଜ୍ଞାନ, ବକ୍ତୃତା, ଚିତ୍ର, ହସ୍ତକଳା, ନୃତ୍ୟ ଆଦି ୧୮ ବିଭାଗରେ ଉଭୟ କନିଷ୍ଠ ଓ ବରିଷ୍ଠ ବିଭାଗର ଛାତ୍ରୀଛାତ୍ର ଭାଗ ନେଇଥିଲେ। ଏନ୍‌ଏସି ଅଧ୍ୟକ୍ଷା ବବିତା ସାହୁ ମୁଖ୍ୟଅତିଥି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କାଶୀନାଥ ମିଶ୍ର ମୁଖ୍ୟବକ୍ତା ଓ ଏବିଇଓ ବଟକୃଷ୍ଣ ପଣ୍ଡା, ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିଲତା ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

## ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ଟେନିସ, ଭଲିବଲ୍ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

ଖଣ୍ଡପଡା,୨୬।୧୦(ସ୍ୱ.ପ୍ର.)

ସିଧାମୂଳା ଗୋକୁଳାନନ୍ଦ ଜୀଉ ବିଦ୍ୟାମନ୍ଦିରଠାରେ ରାଜ୍ୟ ସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡା ସଂଗଠନର ଟେନିସ ଓ ଭଲିବଲ ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଏହାକୁ ନୟାଗଡ ଜିଲା ଶିକ୍ଷାଧିକାରୀ ଡ. ଅଭୟ କୁମାର ମଲ୍ଲିକ ଉଦ୍‌ଘାଟନ କରିଛନ୍ତି। ଏହି ଉତ୍ସବରେ ଓଡିଶା ରାଜ୍ୟ କ୍ରୀଡା ସଂଗଠନର ସହନିର୍ଦ୍ଦେଶିକା ଲକ୍ଷ୍ମୀପ୍ରିୟା ଦେଇ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗଙ୍ଗାଧର ଷଡଙ୍ଗୀ, ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ବାନାମ୍ବର ମହାପାତ୍ର, ସିଣ୍ଡିକେଟ ବ୍ୟାଙ୍କ ସିଧାମୂଳା ଶାଖା ପରିଚାଳକ ଜିତେନ୍ଦ୍ର ପତି, ନୟାଗଡ ଟେନିସ ଭଲିବଲ ସଂଗଠନର ସଭାପତି , ଜିଲା ଶାରୀରିକ ଶିକ୍ଷା ପରିଦର୍ଶକ ତ୍ରିନାଥ ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହେବ । ଏହି ପ୍ରତିଯୋଗିତାରେ ବାଳକ ବିଭାଗରେ ରାଜ୍ୟର ୮ ଗୋଟି ଜିଲା ଓ ବାଳିକା ବିଭାଗରେ ୪ଟି ଜିଲା ଅଂଶ ଗ୍ରହଣ କରିଥିବା ଜଣାପଡିଛି । ରାଜ୍ୟ ସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ମନୋନୀତ କୃତୀ ପ୍ରତିଯୋଗୀମାନେ ତେଲେଙ୍ଗାନାଠାରେ ଆସନ୍ତା ନଭେମ୍ବର ୮ ରୁ ୧୧ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଜାତୀୟ ସ୍ତର କ୍ରୀଡା ପ୍ରତିଯୋଗିତାରେ ଭାଗ ନେବେ ବୋଲି ସହନିର୍ଦ୍ଦେଶିକା ସୂଚନା ଦେଇଛନ୍ତି।



# ଖଣ୍ଡପଡ଼ାରେ ଶିଶୁ ଶାରଦୀୟ କୁମାର ଉତ୍ସବ

ଖଣ୍ଡପଡା,୨୬।୧୦(ସ୍ୱ.ପ୍ର.)

**ଶିଶୁମାନଙ୍କ ମଧ୍ୟରେ ଲୁଚି ରହିଥିବା ପ୍ରତିଭାର ବିକାଶ, ଶିଶୁ ଶାରଦୀୟ ଉତ୍ସବର ଲକ୍ଷ୍ୟ**

ଖଣ୍ଡପଡା ବ୍ଲକର ବିଭିନ୍ନ ସ୍ଥାନରେ ୬୯ତମ ଶିଶୁ ଶାରଦୀୟ କୁମାର ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଖଣ୍ଡପଡା ସହରର ରଥଗଡା ଛକ, ଦାଣ୍ଡସାହି, କାଦୁଆସାହି ସମେତ ବିଭିନ୍ନ ସ୍ଥାନରେ ଏହି ପରିପ୍ରେକ୍ଷୀରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଥିଲା । ବିଶେଷ କରି କାର୍ଟୁନିଷ୍ଟ କିଶୋର ରଥଙ୍କ ଅଧକ୍ଷତାରେ ଦାଣ୍ଡସାହିରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସ୍ଥପତି ଦୁଷ୍ମନ୍ତ କୁମାର ସ୍ୱାଇଁ, ମୁଖ୍ୟବକ୍ତା ଅମିୟ ପାଣ୍ଡବ ଓ ସମ୍ମାନିତ ଅତିଥିଭାବେ ବ୍ଲକ ଅଧକ୍ଷ ମନୋଜ କୁମାର ପ୍ରଧାନ ଏବଂ ରାଜ୍ୟ ନାଗରିକ ମଞ୍ଚର ଅଧକ୍ଷ ପ୍ରକାଶ ଚନ୍ଦ୍ର ରଥଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ । ଚଳିତବର୍ଷ ଶିଶୁ ଶାରଦୀୟ କୁମାର ଉତ୍ସବକୁ ଅଧିକ ଆକର୍ଷଣୀୟ କରିବା ପାଇଁ ପୂଜା କମିଟିର କର୍ମକର୍ତ୍ତା ଓ ଶିଶୁ ଶାରଦୀୟ କୁମାର ଉତ୍ସବ ପାଳନ କମିଟିର କର୍ମକର୍ତ୍ତାମାନଙ୍କୁ ଉତ୍ସାହିତ କରିଥିଲେ । ବିଗତ ୬୮ ବର୍ଷ ଧରି ନିରବଚ୍ଛିନ୍ନ ଭାବରେ ପାଳିତ ହୋଇ ଆସୁଥିବା ଏହି ପାରମ୍ପରିକ ଉତ୍ସବର ସଫଳତା ପାଇଁ ଅତିଥିମାନେ ଆୟୋଜକଙ୍କୁ ଧନ୍ୟବାଦ ଦେବା ସହ ଶିଶୁମାନଙ୍କ ମଧ୍ୟରେ ଲୁଚି ରହିଥିବା ପ୍ରତିଭାର ବିକାଶ, ଶିଶୁ ଶାରଦୀୟ କୁମାର ଉତ୍ସବର ମହତ୍ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ହେଉ ବୋଲି ମତ ଦେଇଥିଲେ । ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା କୁମାରୀ କୁମାରମାନଙ୍କୁ ଅନୁଷ୍ଠାନ ପକ୍ଷରୁ ପୁରସ୍କାର ବିତରଣ କରାଯାଇଥିଲା । ପରେ ପିଲାମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ସେହିପର ଜଗନ୍ନାଥପ୍ରସାଦ ପଞ୍ଚାୟତ ଅନ୍ତର୍ଗତ ମହୁଲପଡା ଗ୍ରାମ ନିକଟ ପାହାଡ ଉପରେ ଥିବା ବାତରା ମଠ ପରିସରରେ ବିଜେ ମା'ବାତରାଶୁଣୀଙ୍କ କୁମାର ଉତ୍ସବ ପାରମ୍ପରିକ ରୀତିରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଠାକୁରାଣୀଙ୍କ ନିକଟରେ ପୂଜାର୍ଚ୍ଚନା ସହ ହୋମଯଜ୍ଞ ଅନୁଷ୍ଠିତ ହୋଯାଇଛି । ଏହି ଆଧାତ୍ମିକ କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ଏଠାରେ ମନସ୍କାମନା ପୂର୍ଣ୍ଣ ନିମନ୍ତେ ମାନସିକଧାରୀମାନେ ମା'ଙ୍କ ନିକଟରେ ଗୁହାରିଆ ପଡିଥିଲେ । ଜଗନ୍ନାଥ ପ୍ରସାଦ, ଦରଦା, ମାଣିକାଗୋଡା, ବାଘୁଆପଲ୍ଲୀ, ଭଗବାନପୁର ସମେତ ଅନେକ ଅଞ୍ଚଳରୁ



ଅତିଥିଙ୍କ ସହ ଜଣେ ଶିଶୁ ପ୍ରତିଭା।

# ଦୁର୍ଘଟଣାରେ ଗୁରୁତର ବ୍ୟକ୍ତିଙ୍କ ମୃତ୍ୟୁ

ଦଶପଲ୍ଲା,୨୬।୧୦ (ଡି.ଏନ.ଏ.)

ଗତ ୨୪ ତାରିଖରେ ଖୋର୍ଦ୍ଧା–ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ରଙ୍ଗମାଟିଆ ଛକ ନିକଟରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହୋଇ ଗୁରୁତର ହୋଇଥିବା ତୁମାଣ୍ଡି ଗ୍ରାମର ମହେଶ୍ୱର ନାୟକଙ୍କ ଶୁକ୍ରବାର ନୟାଗଡ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତ୍ୟୁ ଘଟିଛି। ଦୁର୍ଘଟଣାରେ ୫ଜଣ ଆହତ ହୋଇଥିଲେ। ୪ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ମହେଶ୍ୱରଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ଶରଣକୁଳ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ହାଲ୍ ସୁନାବେଡ଼ା ୨–୦ରେ ବିଜୟୀ



ଖେଳର ଏକ ଦୃଶ୍ୟ।

ନୟାଗଡ଼ ଅଫିସ,୨୬।୧୦

ନୟାଗଡ଼ ଜିଲା ଶରଣକୁଳର ଲଡୁକେଶ ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ନାରାୟଣ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆଠାରେ ୫୯ତମ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଚାଲୁରହିଛି। ଶୁକ୍ରବାର ଦ୍ୱିତୀୟ ଦିବସରେ ସୁନାବେଡାର ହାଲ୍ ଟିମ୍ ସହ ଆୟୋଜକ ଲଡୁକେଶ ଆଥ୍‌ଲେଟିକ୍ ଆସୋସିଏଶନ୍ ଶରଣକୁଳ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମାର୍ଦ୍ଧରେ କୌଣସି ଦଳ ଗୋଲ୍ ସ୍କୋର କରିପାରି ନ ଥିବାବେଳେ ଦ୍ୱିତୀୟାର୍ଦ୍ଧର ୧୫ ମିନିଟରେ ସୁନାବେଡା ଦଳର ୧୪ ନମ୍ବର ଜର୍ସି କାର୍ତ୍ତିକ ହନ୍ତାଳ ପ୍ରଥମ ଓ ୨୬ ମିନିଟରେ ଆଉ ଏକ ଗୋଲ୍ ଦେଇ ଦଳକୁ ୨–୦ରେ ବିଜୟୀ କରିଥିଲେ। ଡାକ୍ତର ସିଦ୍ଧାର୍ଥ ଶେଖର ଦାସ ମୁଖ୍ୟଅତିଥି ଓ ରଣପୁରର ପୂର୍ବତନ ବିଧାୟକ ସତ୍ୟନାରାୟଣ ପ୍ରଧାନଙ୍କ ସମେତ ଆସୋସିଏଶନର କର୍ମକର୍ତ୍ତା ଉପସ୍ଥିତ ଥିଲେ। ରାଜୁ ମହାନ୍ତି ଖେଳ ପରିଚାଳନା କରିଥିବା ବେଳେ ଅଶୋକ କହଁର, ସୁଦୀପ ଦାସ, ଶିବ ପ୍ରସାଦ ଦାସ ଲାଇନ୍‌ରେ ସହାୟତା କରିଥିଲେ। ବିଜୟୀ ଦଳର କାର୍ତ୍ତିକ ହନ୍ତାଳଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା। ଶନିବାର ଖେଳ ରେଲ୍‌ୱେ କ୍ଲବ ଖୋର୍ଦ୍ଧାରୋଡ଼ ଓ ପତାକା କ୍ଲବ ଅନୁଗୋଳ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆସୋସିଏଶନ ସମ୍ପାଦକ ବୈକୁଣ୍ଠନାଥ ସିଂ ସୂଚନା ଦେଇଛନ୍ତି।

# ମହିଳାଙ୍କୁ ରୋଷେୟା ନିଯୁକ୍ତିରେ ଚଞ୍ଚକତା

ଓଡ଼ଗାଁ, ୨୬।୧୦(ସ୍ୱ.ପ୍ର.)

**ପ୍ରଶାସନର ନୀରବତା ନେଇ ପ୍ରଶ୍ନ**

ସମସ୍ତ ସରକାରୀ ନିୟମକୁ ଜଳାଞ୍ଜଳି ଦେଇ ଜଣେ ଅସହାୟ, ବିଧବା ମହିଳାଙ୍କୁ ରୋଷେୟା ନିଯୁକ୍ତିରେ ଚଞ୍ଚକତା କରାଯାଇଥିବା ବେଳେ ଏ ନେଇ ପ୍ରଶାସନିକ ନୀବବତା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସୂଚନା ଅନୁସାରେ ନୟାଗଡ ଜିଲା ନୂଆଗାଁ ବ୍ଲକ ବାହାଡ଼ାଖୋଲା କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟରେ ଆବଶ୍ୟକ ଥିବା ୨ୟ ରୋଷେୟା ନିମନ୍ତେ ବିଦ୍ୟାଳୟ ତରଫରୁ ଅଗଷ୍ଟ ୪ ତାରିଖରେ ବିଜ୍ଞାପନ ପ୍ରକାଶ ପାଇଥିଲା । ଏଥିରେ ଗରିବ, ବିଧବା ତଥା ସରକାରୀ ସ୍କୁଲରୁ ଛଟେଇ ହୋଇଥିବା ରୋଷେୟା ମହିଳା ପ୍ରାର୍ଥିନୀଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଇଥିଲା। ସ୍କୁଲର ପ୍ରଧାନ ଶିକ୍ଷକ ସୁଦାମ ଭଞ୍ଜନ ଜାନି ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶ୍ରୀବତ୍ସ କୁମାର ସାହୁ ମିଳିତ ଭାବେ ଦସ୍ତଖତ କରିଥିଲେ। ଏହାର ଏକକିତା ଲେଖା ନକଲ ସ୍କୁଲ କାନ୍ଥ ସହିତ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ଗଦାଧର ପାଠାଗାରା ନୋଟିସ ବୋର୍ଡରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଲଗାଯାଇଥିଲା। ପାର୍ବତୀ ସାହୁ(୪୯) ଏହି ପଦବୀ ନିମନ୍ତେ ଅଭିଜ୍ଞତା ପ୍ରମାଣପତ୍ର ସହିତ ଆବଦେନ କରିଥିଲେ। ପାର୍ବତୀ ବାହାଡ଼ାଖୋଲା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରାୟ ୯ବର୍ଷ ରୋଷେୟା ଦାୟିତ୍ୱ ତୁଲାଇଥିବା ବେଳେ ଛଟେଇର ଅବ୍ୟବହିତ ପୂର୍ବରୁ ରୁଗ୍‌ଣ ସ୍ୱାମୀଙ୍କୁ ଅସମୟରେ ହରାଇଛନ୍ତି। ହେଲେ ସ୍କୁଲ ପରିଚାଳନା କମିଟି ତାଙ୍କ ଆବେଦନ ଗ୍ରହଣ କରିବା ବଦଳରେ ଅନ୍ୟ ଜଣେ ମହିଳାଙ୍କୁ ରୋଷେୟା ଭାବେ ନିଯୁକ୍ତି ଦେଉଥିବା ସେ ଜାଣିପାରିଥିଲେ। ଫଳରେ ସେ ଏ ନେଇ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ୧ ତାରିଖରେ ଅଭିଯୋଗ କରିଥିବାବେଳେ ଜିଲା ଶିକ୍ଷା ଅଧିକାରୀ, ବ୍ଲକ ଶିକ୍ଷା ଅଧିକାରୀ, ଜିଲା ପ୍ରକଳ୍ପ ସଂଯୋଜକ (ସର୍ବଶିକ୍ଷା ଅଭିଯାନ) ଓ ସରପଞ୍ଚ ବାହାଡ଼ାଖୋଲାଙ୍କୁ ପୃଥକ୍ ଭାବେ ଭେଟି ଦରଖାସ୍ତ ଦେଇଥିଲେ। ଏପରିସ୍ଥଳେ ଅନ୍ୟ ଜଣେ ଅନଭିଜ୍ଞ ମହିଳାଙ୍କୁ ରୋଷେୟା ଭାବେ ନିଯୁକ୍ତି ଦିଆଯାଇଥିବା ସ୍ପଷ୍ଟ ହୋଇଥିଲା। ଫଳରେ ସେ ପୁନର୍ବାର ୧୩ ତାରିଖରେ ଜିଲାପାଳଙ୍କ ସମେତ ସମସ୍ତ ଅଧିକାରୀଙ୍କୁ ଏ ନେଇ ଅବଗତ କରିବା ସହିତ ତାଙ୍କୁ ନିଯୁକ୍ତି ଦେବା ନିମନ୍ତେ ବିଚାର କରିବାକୁ ନିବେଦନ କରିଥିଲେ। ଅନ୍ୟପକ୍ଷେ ନୟାଗଡ଼ର ତତ୍କାଳୀନ ଜିଲାପାଳ ଓ ଡିଇଓ ୨୪ ଏପ୍ରିଲ ୨୦୧୭ ତାରିଖରେ ନେଇଥିବା ନିଷ୍ପତ୍ତି ଓ ରାଜ୍ୟ ଅତିରିକ୍ତ ଶାସନ ସଚିବ ତଥା ନୋଡାଲ ଅଫିସର (ମଧ୍ୟାହ୍ନ ଭୋଜନ)ଙ୍କ ଦ୍ୱାରା ୨୫ ଜୁଲାଇରେ ପ୍ରକାଶ ପାଇଥିବା ୮୦୪ ନମ୍ବର ବିଜ୍ଞପ୍ତି ଅନୁସାରେ ଛଟେଇ ହୋଇଥିବା ରୋଷେୟା କିମ୍ବା ସହାୟିକାଙ୍କୁ ହିଁ ସମ୍ପୃକ୍ତ ବ୍ଲକରେ ଆବଶ୍ୟକ ସ୍ଥଳେ ନିଯୁକ୍ତି ଦିଆଯିବା ନିମନ୍ତେ ପ୍ରାଧାନ୍ୟ ଦିଆଯିବ।

**କ'ଣ କହନ୍ତି ଏମାନେ...**

" ସରକାରୀ ନିୟମ ସମ୍ବନ୍ଧରେ ସ୍କୁଲ ପରିଚାଳନା କମିଟିକୁ ଜଣାଇଛି। ସେମାନଙ୍କ ଚାପରେ ଅନ୍ୟ ଜଣେ ଅନଭିଜ୍ଞ ମହିଳାଙ୍କୁ ନିଯୁକ୍ତି ଦେବାକୁ ବାଧ ହୋଇଛି ।

**ସୁଦାମ ଭଞ୍ଜନ ଜାନି, ପ୍ରଧାନ ଶିକ୍ଷକ**

" ସ୍କୁଲ ପରିଚାଳନା କମିଟି ତଥା ପ୍ରଧାନ ଶିକ୍ଷକ ନିଯୁକ୍ତି ଦେଇଥିବା ରୋଷେୟାଙ୍କ ପଦବୀ ଏଯାବତ୍ ସରକାରୀ ଅନୁମୋଦନ ଲାଭ କରିନାହିଁ। ସମ୍ପୃକ୍ତ ମହିଳାଙ୍କୁ କୋମଳମତି ଛାତ୍ରୀଛାତ୍ରଙ୍କ ନିମନ୍ତେ ରୋଷେଇ କାର୍ଯ୍ୟରେ ନିଯୁକ୍ତି ଦେବା ବେଆଇନ ।

**ସୁକାନ୍ତ କୁମାର ପ୍ରଧାନ, ବ୍ଲକ ଶିକ୍ଷା ଅଧିକାରୀ, ନୂଆଗାଁ ବ୍ଲକ**

" ସରକାରୀ ନିୟମାନୁସାରେ ଅଭିଜ୍ଞ ମହିଳାଙ୍କୁ ହିଁ ନିଯୁକ୍ତି ଦିଆଯାଇପାରିବ । ପ୍ରଧାନ ଶିକ୍ଷକଙ୍କୁ ପଚରାଉଚୁରା କରି ଆବଶ୍ୟକ ପଦକ୍ଷେପ ନେବି ।

**ଡ. ଅଭୟ କୁମାର ମଲ୍ଲିକ, ଜିଲା ଶିକ୍ଷା ଅଧିକାରୀ**

" ଯୋଗ୍ୟ ଓ ଅଭିଜ୍ଞ ପ୍ରାର୍ଥିନୀଙ୍କୁ ନିଯୁକ୍ତି ଦେବାକୁ ସୁପାରିଶ କରିବି ।

**ବିନୋଦ କୁମାର ସାହୁ, ସରପଞ୍ଚ, ବାହାଡ଼ାଖୋଲା**